## କଟକ ନଗର ବିଜେଡିର ନୂତନ ପରିବର୍ଦ୍ଧିତ କର୍ମକର୍ତ୍ତା

**କଟକ ଅଫିସ:** କଟକ ନଗର ବିଜେଡିର ପରିବର୍ଦ୍ଧିତ କର୍ମକର୍ତ୍ତାଙ୍କ ନାମ ଘୋଷଣା ହୋଇଛି। ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟଙ୍କ ଅନୁମୋଦନକ୍ରମେ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଉପସଭାପତି ଭାବେ ପ୍ରକାଶ ଚନ୍ଦ୍ର ମହାନ୍ତି, ରାମକୃଷ୍ଣ ଦଳେଇ, ସୁବାଶିଷ ମହାନ୍ତି ଓ ସମ୍ପାଦକ ଭାବେ ପୃଥ୍ୱୀରାଜ ସାହୁ, ରଶ୍ମିରଞ୍ଜନ ମହାନ୍ତି, ସୁକାନ୍ତ ସ୍ୱାଇଁ, କାବୁଲି ମୂଳିଆ, ଅରବିନ୍ଦ ଜେନା, ପ୍ରଭାକର ନନ୍ଦ, ଜିତେନ୍ଦ୍ର ଡାଲୁଆଙ୍କୁ ମନୋନୀତ କରାଯାଇଛି। ଏ ସମ୍ପର୍କରେ ସାଧାରଣ ସମ୍ପାଦକ ଡ. ମହମ୍ମଦ ଆୟୁବ ଶୁକ୍ରବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ପରିଚାଳନାଗତ ତ୍ରୁଟିରୁ ରାଜସ୍ୱ କ୍ଷତି

**କଟକ ଅଫିସ, ୩।୯**

### ସନ୍ଦେହ ଘେରରେ ସିଡିଏର କାର୍ଯ୍ୟକଳାପ

- ଜରାଜୀର୍ଣ୍ଣ ଅବସ୍ଥାରେ ଅରୁଣୋଦୟ ଶପିଂ ସେଣ୍ଟର
- ନାହାନ୍ତି ସ୍ଥାୟୀ ଅଧିକାରୀ, ଆଗେଇପାରୁନି କାମ
- ମାମଲାରେ ଛନ୍ଦିହେବାରୁ ଆଦାୟ ହୋଇପାରୁନି ଅର୍ଥ




ସହରର ବିକାଶ ଲକ୍ଷ୍ୟରେ ଦୀର୍ଘ ୪ଦଶନ୍ଧି ତଳେ କଟକ ଡେଭଲପମେଣ୍ଟ ଅଥରିଟି (ସିଡିଏ) ଗଠନ ହୋଇଥିଲା। ଗତ ୧ତାରିଖରେ ଏହା ୩୯ବର୍ଷ ପୂରଣ କରିଛି। ସିଡିଏର ବିଭିନ୍ନ ବିଭାଗ କାର୍ଯ୍ୟ ତଦାରଖ ଏବଂ ତ୍ୱରାନ୍ୱିତ କରାଇବା ଲାଗି ଅଭିଜ୍ଞ ତଥା ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ହେଲେ ପରିଚାଳନାଗତ ତ୍ରୁଟି ଯୋଗୁ ସିଡିଏର ଉନ୍ନତି ହୋଇପାରୁନାହିଁ ବୋଲି ଅଭିଯୋଗ ହେଉଛି। ସମ୍ପ୍ରତି ସିଡିଏର ଭାଇସ୍ ଚେୟାରମ୍ୟାନ ଓ ସେକ୍ରେଟାରି ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦରେ ସ୍ଥାୟୀ ଅଧିକାରୀ ନାହାନ୍ତି। ଏଥିଯୋଗୁ ବିଭିନ୍ନ କାର୍ଯ୍ୟ ତ୍ୱରାନ୍ୱିତ ମଧ୍ୟ ହୋଇପାରୁନାହିଁ। ଯାହାଫଳରେ ୨ଏକର ୨୬୦ ଡିସିମିଲ ପରିମିତ ଜାଗାରେ ଗଢିଉଠିଥିବା ଅରୁଣୋଦୟ ଶପିଂ ସେଣ୍ଟର ସମେତ ସିଡିଏ କାର୍ଯ୍ୟାଳୟ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଅରୁଣୋଦୟ ଶପିଂ ସେଣ୍ଟରର ଦୁଇଟି ବ୍ଲକ ଅଦାଲତ ମାମଲାରେ ଛନ୍ଦି ହୋଇପଡ଼ିଥିବାରୁ ସିଡିଏ ଏବେ ବର୍ଷକୁ ବିପୁଳ ପରିମାଣର ରାଜସ୍ୱ ହରାଉଛି। ୨୦୦୭-୦୮ ଆର୍ଥିକ ବର୍ଷରେ ସିଡିଏ ଏହି ଶପିଂ ସେଣ୍ଟରରୁ ୩୦ ଲକ୍ଷ ଟଙ୍କା ବାର୍ଷିକ ଭଡ଼ା ପାଉଥିଲା। ଏଠାରେ ବ୍ୟାଙ୍କ୍ ଟ୍ରେଜେରି, ଇନ୍‌କମ୍ ଟ୍ୟାକ୍ସ କାର୍ଯ୍ୟାଳୟ ପ୍ରଭୃତି ରହିଥିଲା। ମାତ୍ର ପରିଚାଳନାଗତ ତ୍ରୁଟି ଏବଂ ଶପିଂ କମ୍ପ୍ଲେକ୍ସର ଜରାଜୀର୍ଣ୍ଣ ଅବସ୍ଥାରୁ ଏସବୁ ଏଠାରୁ ସ୍ଥାନାନ୍ତର ହୋଇଯିବା କାରଣରୁ ୨୦୧୯-୨୦ ଆର୍ଥିକ ବର୍ଷରେ ମାତ୍ର ୪ଲକ୍ଷ ୮୦ହଜାର ଟଙ୍କା ମିଳିଛି।

ସୂଚନାଯୋଗ୍ୟ, ଓଡ଼ିଶା ଡେଭ୍‌ଲପମେଣ୍ଟ ଆକ୍ଟ (ଓଡିଏ) ଅନୁଯାୟୀ ସିଡିଏ ୧୯୮୨ରେ ଗଠିତ ହୋଇଥିଲା। ଏହାର ପରିଚାଳନା ପାଇଁ ଇଞ୍ଜିନିୟରିଂ, ଫାଇନାନ୍ସ, ପ୍ଲାନିଂ, ଆର୍କିଟେକ ଓ ପ୍ରଶାସନିକ ବିଭାଗ ରହିଛି। ଏହି ବିଭାଗଗୁଡ଼ିକର କାମ ତଦାରଖ ପାଇଁ ଭାଇସ୍ ଚେୟାରମ୍ୟାନ ଓ ସେକ୍ରେଟାରି ନିଯୁକ୍ତ ହୋଇଛନ୍ତି। ହେଲେ ଗତ କିଛିବର୍ଷ ହେଲା ଭାଇସ୍ ଚେୟାରମ୍ୟାନ ଦାୟିତ୍ୱରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ସେକ୍ରେଟାରି ପଦରେ କଟକ ମହାନଗର ନିଗମର କମିଶନର ଅନନ୍ୟା ଦାସ ରହିଛନ୍ତି। ସିଡିଏ ଅଧୀନରେ ସହରର ବିଭିନ୍ନ ପ୍ରମୁଖ ସ୍ଥାନରେ ଏକର ଏକର ଜାଗା ରହିଛି। ସିଡିଏ ଏହି ଜାଗାଗୁଡ଼ିକର ଉନ୍ନତୀକରଣ କରାଇ ସରକାରଙ୍କୁ ରାଜସ୍ୱ ଦେବା କଥା। ମାତ୍ର ସିଡିଏ ନିଜ ଲକ୍ଷ୍ୟରୁ ବିଚ୍ୟୁତ ହେଉଥିବା ଅଭିଯୋଗ ହେଉଛି। ସିଡିଏ ଅଧୀନରେ ବାଦାମବାଡ଼ି, ଲିଙ୍କ୍ ରୋଡ୍ ପରି ବ୍ୟବସାୟିକ ପେଣ୍ଠସ୍ଥଳୀରେ ୨ ଏକର ୨୬୦ ଡିସିମିଲ ପରିମିତ ଜାଗାରେ ଅରୁଣୋଦୟ ଶପିଂ ସେଣ୍ଟର ରହିଛି। ୧୯୭୪ରେ ଏହି ଶପିଂ ସେଣ୍ଟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ସେ ସମୟରେ ଏହି ଶପିଂ ସେଣ୍ଟର ଗ୍ରେଟର କଟକ ଇମ୍ପ୍ରୁଭମେଣ୍ଟ ଟ୍ରଷ୍ଟ (ଜିସିଆଇଟି) ଅଧୀନରେ ନିର୍ମିତ ହୋଇଥିଲା। ଏହି ଶପିଂ ସେଣ୍ଟର ତିନିମହଲା ବିଶିଷ୍ଟ ହୋଇଥିବାବେଳେ ଇଷ୍ଟର୍ନ, ୱେଷ୍ଟର୍ନ ଓ ସଦର୍ନ ବ୍ଲକରେ ବିଭକ୍ତ। ୱେଷ୍ଟର୍ନ ବ୍ଲକରେ ଥିବା ସିଡିଏ କାର୍ଯ୍ୟାଳୟ ସହ ଶପିଂ ସେଣ୍ଟର ଏବେ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଯାଇଛି। ଶପିଂ ସେଣ୍ଟର ମଧ୍ୟରେ ଜଳ ନିଷ୍କାସନ ବ୍ୟବସ୍ଥା ବନ୍ଦ ହୋଇଯାଇଥିବାବେଳେ ଅସରାଏ ବର୍ଷାରେ ଆଣ୍ଠୁଏ ପାଣି ଜମୁଛି। କୋଠାରେ ଶିଉଳି ଲାଗି ଗଛଲତା ଉଠିଲାଣି। କେତେକ ହାତଗଣତି ଦୋକାନ ଏବଂ ଗୋଟିଏ ନର୍ସିଂହୋମକୁ ଛାଡ଼ିଦେଲେ ଆଉ କେହି ସେଠାରେ ରହୁ ନାହାନ୍ତି। ଏପରି କି ପ୍ରଶାସନିକ ଅଧିକାରୀମାନଙ୍କ ଦୂରଦୃଷ୍ଟିର ଅଭାବ ଏବଂ ଅପାରଗତା କାରଣରୁ ସଦର୍ନ ଓ ଇଷ୍ଟର୍ନ ବ୍ଲକ କୋର୍ଟ ମାମଲାରେ ଛନ୍ଦି ହୋଇପଡ଼ିଛି। ଫଳରେ ସିଡିଏ ଏବେ ବର୍ଷକୁ ବିପୁଳ ପରିମାଣର ରାଜସ୍ୱ ହରାଉଛି। ଏପରି କି ୨୦୧୮ରେ ଅରୁଣୋଦୟ ମାର୍କେଟର ବିକାଶ ନିମନ୍ତେ ସିଡିଏ ପକ୍ଷରୁ ସଦର୍ନ ଓ ଇଷ୍ଟର୍ନ ବ୍ଲକକୁ ଏକ ଘରୋଇ କମ୍ପାନୀକୁ ୯ବର୍ଷ ପାଇଁ ଲିଜ୍ ଦିଆଯାଇଥିଲା। ମାତ୍ର ତାହା ମଧ୍ୟ ଠିକ୍‌ଭାବେ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ସ୍ଥାନୀୟ ବାସିନ୍ଦା ଅଭୟ ସାହୁ କହିଛନ୍ତି, ମୁଖ୍ୟମନ୍ତ୍ରୀ କଟକକୁ ପ୍ରାଧାନ୍ୟ ଦେଇ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କରାଉଛନ୍ତି। ହେଲେ ସିଡିଏକୁ ବୁଡ଼ାଇବାକୁ ପ୍ରୟାସ ଚାଲିଛି। ଅସରାଏ ବର୍ଷା ହେଲେ ଯେମିତି ସିଡିଏ କାର୍ଯ୍ୟାଳୟ ପରିସର ବୁଡ଼ିଯାଏ, ସେହିପରି କଟକ ସହରକୁ ମଧ୍ୟ ବୁଡ଼ାଇବାକୁ ଉଦ୍ୟମ କରାଯାଉଛି। ଅନ୍ୟପକ୍ଷରେ ସିଡିଏ କାର୍ଯ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରିୟଙ୍କା ମଲ୍ଲିକଙ୍କ ସୂଚନା ଅନୁଯାୟୀ, ୨୦୦୭-୦୮ ଆର୍ଥିକ ବର୍ଷରେ ସିଡିଏ ଏହି ଶପିଂ ସେଣ୍ଟରରୁ ୩୦ ଲକ୍ଷ ଟଙ୍କା ବାର୍ଷିକ ଭଡ଼ା ବାବଦରେ ପାଇଥିଲା। ସେହିପରି ୨୦୧୯-୨୦ ଆର୍ଥିକ ବର୍ଷରେ ମୋଟ୍ ୪ ଲକ୍ଷ ୮୦ ହଜାର ଟଙ୍କା ପାଇଛି। ଆଗାମୀ ଦିନରେ ଏହାକୁ କିପରି ଠିକ୍‌ଭାବେ ପରିଚାଳନା କରାଯାଇପାରିବ ସେନେଇ ଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ ଶୋଭାଯାତ୍ରା ଓ ବିକ୍ଷୋଭ, ଅଶୋକ ନଗର, ସିପିଆଇ ଅଫିସ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା କୁଡୁମୀ ସେନା ପକ୍ଷରୁ ଖବରଦାତା ସମ୍ମିଳନୀ, ଉତ୍କଳ ସାମ୍ବାଦିକ ସଂଘ, ଖାରବେଳ ନଗର, ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ ବିକ୍ଷୋଭ, ମାଷ୍ଟର କ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା।
- ଅବିକା ଅନୁଷ୍ଠାନ ପକ୍ଷରୁ ଏକଦିବସୀୟ ମହୋତ୍ସବ, ଡେନିମ୍ ଓ ବ୍ଲୁସ୍ ଡ୍ୟାନ୍ସ ଷ୍ଟୁଡିଓ, ହୋଟେଲ ପ୍ରିୟା ସମ୍ମୁଖ, ଖାରବେଳ ନଗର, ଅପରାହ୍ନ ୪ଟା ୩୦।

## ୩୩୫ ଲୋକଙ୍କୁ ଟିକାକରଣ

**କଟକ ଅଫିସ,୩।୯:** କଟକ ମହାନଗର ନିଗମ(ସିଏମ୍‌ସି) ଓ କଟକ ମାରୱାଡ଼ି ସମାଜର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ବାଲୁବଜାରସ୍ଥିତ ମାରୱାଡ଼ି ହିନ୍ଦୀ ବିଦ୍ୟାଳୟଠାରେ ଟିକାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲୁବଜାର, ବାଖରାବାଦ, ସାହେବ୍‌ଜାଦା ବଜାର, ନୟାସଡ଼କ ଅଞ୍ଚଳର ୩୩୫ ଜଣ ଲୋକଙ୍କୁ ଟିକା ଦିଆଯାଇଥିଲା। ଏଥିରେ ସିଏମ୍‌ସି ଯୁଗ୍ମ ଆୟୁକ୍ତ ସୁମିତା ସରକାର, କଟକ ମାରୱାଡ଼ି ସମାଜର ସଭାପତି କିଶନ ମୋଦି, ରମନ୍ ବାଗଡ଼ିୟା, ସରଦ୍ ସାଗେନେରୀୟା, ପବନ ସେନ୍, ସୁନୀଲ ଶର୍ମା, ମନୋଜ ଉଦୟ ପୁରୀୟା ଓ ତରୁଣ ଚୌଧୁରୀ ଉପସ୍ଥିତ ଥିଲେ।

## ମଶା ଧୂଆଁ କାର୍ଯ୍ୟକ୍ରମ

**କଟକ ଅଫିସ,୩।୯:** ଡେଙ୍ଗୁ ସଂକ୍ରମଣ ରୋକିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଜଗତ୍‌ପୁର ଅଞ୍ଚଳରୁ ଶୁକ୍ରବାରଠାରୁ ମଶା ଧୂଆଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଉକ୍ତ ଅଞ୍ଚଳକୁ ୪ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ଜଣେ ଲେଖାଏଁ ସୁପରଭାଜରଙ୍କୁ ଦାୟିତ୍ୱ ଦିଆଯାଇଛି। ଶନିବାର, ରବିବାର ଓ ସୋମବାର ୪୮ ଏବଂ ୪୯ ନଂ. ୱାର୍ଡରେ ମଶା ଧୂଆଁ ଦିଆଯିବ ବୋଲି ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି।

## ୪ ଫୁଟ୍‌ର ମା'ଙ୍କ ମୂର୍ତ୍ତି ନିର୍ମାଣକୁ ବିରୋଧ

**କଟକ ଅଫିସ, ୩।୯:** ଚଳିତବର୍ଷ ମା'ଙ୍କ ମୂର୍ତ୍ତି ୪ ଫୁଟ ମଧ୍ୟରେ ଗଢିବା ଓ ପରଦା ଆଢୁଆଳରେ ପୂଜା କରିବା ନିଷ୍ପତ୍ତି ପ୍ରତ୍ୟାହାର ଦାବି ନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଶୁକ୍ରବାର ଦିଆଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜନୈତିକ ସଭା, ବୈଠକ ଓ ଫଳକ ଉଦ୍‌ଘାଟନ ଆଦି ସମସ୍ତ କାର୍ଯ୍ୟ ପାଇଁ ନିୟମ କୋହଳ କରାଯାଇଛି। ହେଲେ ଦଶହରା ପର୍ବରେ ମା'ଙ୍କ ମୂର୍ତ୍ତିକୁ ୪ ଫୁଟରେ ସୀମିତ ରଖିବା ଓ ପରଦା ଢାଙ୍କି ପୂଜା ପାଇଁ ନିୟମ କରିବା ଦ୍ୱାରା ସହରବାସୀଙ୍କ ପ୍ରତି ବାଛବିଚାର କରାଯାଉଛି। ଦଳ ପକ୍ଷରୁ ରାଜେଶ ଭଟ୍ଟ, ଦିବ୍ୟଜ୍ୟୋତି ଲେଙ୍କା, ରଞ୍ଜନ ବେହେରା, ଦୀପକ ପ୍ରଧାନ, ସରୋଜ ରାଉତ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ସହରବାସୀଙ୍କୁ ମିଳୁନି ମୌଳିକ ସୁବିଧା

**କଟକ ଅଫିସ,୩।୯**



ଖବରଦାତା ସମ୍ମିଳନୀରେ ଗିରିବାଳା ବେହେରା ଉଦ୍‌ବୋଧନ ଦେଉଛନ୍ତି।

କଟକ ମହାନଗର ନିଗମ(ସିଏମ୍‌ସି) ସହରବାସୀଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇବାରେ ବିଫଳ ହୋଇଛି। ରାସ୍ତାଘାଟ ମରାମତି କରାଯାଉ ନ ଥିବାବେଳେ ଡ୍ରେନ୍‌ରୁ ଆବର୍ଜନା ସଫା କରାଯାଉନାହିଁ। ଫଳରେ ବର୍ଷାଜଳ ନିଷ୍କାସନରେ ବାଧା ଉପୁଜୁଛି। ବୁସ୍ କଟିଂ ହେଉନାହିଁ। ମଶା ନିରାକରଣ କ୍ଷେତ୍ରରେ ସିଏମ୍‌ସିର ପଦକ୍ଷେପ ଅତ୍ୟନ୍ତ ନିରୁତ୍ସାହଜନକ। ପ୍ରତ୍ୟେକ ପରିବାରକୁ ମଶାରୀ ବଣ୍ଟନ ଯୋଜନା ବାଟବଣା ହୋଇଛି। ସହରର ୪୦ ଭାଗରୁ ଊର୍ଦ୍ଧ୍ୱ ଅଞ୍ଚଳର ରାସ୍ତା ଅନ୍ଧାରରେ ରହୁଛି। ପ୍ରାୟ ୩ ବର୍ଷ ହେଲା କାଉନ୍‌ସିଲ ସରିଯାଇଥିଲେ ମଧ୍ୟ ନିର୍ବାଚନ କରାଯାଉନାହିଁ। ଲୋକ ପ୍ରତିନିଧି ନ ଥିବା କାରଣରୁ ଏବେ କର୍ମଚାରୀଙ୍କ ରାଜ୍ ଚାଲିଛି। ସିଏମ୍‌ସିର ଅପାରଗତା ଯୋଗୁ ସହରରେ ମ୍ୟାଲେରିଆ, ଜଣ୍ଡିସ ଓ ଡେଙ୍ଗୁ ବ୍ୟାପିବାକୁ ବସିଲାଣି। ଏଣୁ ସିଏମ୍‌ସିର ଚରମ ଅବହେଳା ପ୍ରତିବାଦରେ ଆସନ୍ତା ୬ ତାରିଖରେ ସିଏମ୍‌ସି କାର୍ଯ୍ୟାଳୟ ଘେରାଉ ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ସ୍ଥାନୀୟ ସଇଦାନି ବଗିଚାସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ସୂଚନା ଦେଇଛନ୍ତି।

### ୬ରେ ସିଏମ୍‌ସି କାର୍ଯ୍ୟାଳୟ ଘେରାଉ

# ଯୁବତୀ ଯୁବକଙ୍କୁ ସ୍ୱାବଲମ୍ବୀ କରାଯିବ

**କଟକ ଅଫିସ, ୩।୯**

ରାଜ୍ୟର ବିଭିନ୍ନ ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ ଉଦ୍ୟୋଗୀମାନଙ୍କୁ ରିହାତିରେ ବ୍ୟାଙ୍କ ମାଧ୍ୟମରେ ଋଣ ଯୋଗାଇ ଦିଆଯାଉଛି। ପ୍ରଧାନମନ୍ତ୍ରୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବ୍ୟାଙ୍କରୁ ମିଳୁଥିବା ଋଣ ଅର୍ଥରେ ଉଦ୍ୟୋଗୀମାନେ ଉଦ୍ୟୋଗ ସ୍ଥାପନ କରି ସଫଳତା ହାସଲ କରୁଛନ୍ତି। ଏହି କ୍ରମରେ ବରଗଡ଼ର ଉଦ୍ୟୋଗୀ ସୂର୍ଯ୍ୟ କାଂସଲ ଗତବର୍ଷ ବ୍ୟାଙ୍କରୁ ଋଣ ଆଣି ବିଭିନ୍ନ ସାମଗ୍ରୀ ନିର୍ମାଣ କରି ଜଣେ ସଫଳ ଉଦ୍ୟୋଗୀ ହୋଇପାରିଛନ୍ତି। କଟକସ୍ଥିତ ଶିଳ୍ପ ନିର୍ଦ୍ଦେଶାଳୟର ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ସାଦିକ ଆଲାମ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି, ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟକ୍ରମ ଦ୍ୱାରା ଜିଲା ଓ ଆଞ୍ଚଳିକ ଶିଳ୍ପ କେନ୍ଦ୍ରଗୁଡ଼ିକରେ ଯୁବତୀଯୁବକଙ୍କୁ ସ୍ୱାବଲମ୍ବୀ କରାଯାଉଛି। ଏଥିସହ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଇ ସେମାନଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ କରାଯାଉଛି। ସେମାନଙ୍କ ପରିବାରକୁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଜୀବନ ଜୀବିକାର ମାନଦଣ୍ଡ ବୃଦ୍ଧି କରିବା ପାଇଁ ସରକାର ଋଣ ପ୍ରଦାନ କରୁଛନ୍ତି। କେତେକ କ୍ଷେତ୍ରରେ ବ୍ୟାଙ୍କଗୁଡିକ ଠିକ୍ ସମୟରେ ଋଣ ମଞ୍ଜୁର ନ କରିବାରୁ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରିତା ଦିଗରେ ପଛରେ ପଡ଼ିଯାଉଛି। ଏହାଦ୍ୱାରା ପ୍ରବାସୀ ଶ୍ରମିକ ବୃଦ୍ଧି ପାଇବା ସହ ରାଜ୍ୟ ଅର୍ଥନୀତିରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଏଣୁ ଜିଲା ଶିଳ୍ପକେନ୍ଦ୍ର ଦ୍ୱାରା ସୁପାରିସ ପ୍ରକଳ୍ପ ପାଇଁ ବ୍ୟାଙ୍କଗୁଡ଼ିକ ଠିକ୍ ସମୟରେ ଋଣ ପ୍ରଦାନ କରିପାରିଲେ ସରକାରଙ୍କ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ପୂରଣ ହୋଇପାରିବ। ଅନ୍ୟ ଜିଲାରେ ଦକ୍ଷତା ବିକାଶ ତାଲିମ ଦିଆଯାଇ ଯୁବତୀଯୁବକଙ୍କୁ ସ୍ୱାବଲମ୍ବୀ କରାଯିବ ବୋଲି ଆଲାମ ସୂଚନା ଦେଇଛନ୍ତି।

# ମନ୍ଦିର ଉଚ୍ଛେଦ ପରେ ତେଜୁଛି ଅସନ୍ତୋଷ

**କଟକ ସଦର,୩।୯(ଡି.ଏନ.ଏ.)**

କିଶନନଗର ତହସିଲ ଅଧୀନ ରଟିଲୋସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ଗୁରୁବାର ଭଙ୍ଗାଯିବା ପରେ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ଦେଖିବାକୁ ମିଳିଛି। ଶୁକ୍ରବାର ମନ୍ଦିରର ଭଗ୍ନାବଶେଷ ଦେଖିବା ପାଇଁ ବହୁସଂଖ୍ୟକ ଭକ୍ତଙ୍କ ଭିଡ ଲାଗିଥିଲା। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ରାୟରେ ମନ୍ଦିର ଭାଙ୍ଗିବା ପାଇଁ କୁହାଯାଇ ନ ଥିଲା। କେବଳ ବନ୍ୟା ପ୍ରବଣ ସ୍ଥାନରେ ନିର୍ମାଣ ହୋଇଥିବାରୁ ଏହା ଉପରେ ପ୍ରଶାସନ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଛି ତାହାର ସୂଚନା ସେପ୍ଟେମ୍ବର ୩ ତାରିଖରେ ଏନ୍‌ଜିଟିକୁ ଦେବା ପାଇଁ ନିର୍ଦ୍ଦେଶ ଥିଲା ବୋଲି ଉତ୍କଳ ବିକାଶ ପରିଷଦ ସଭାପତି ପ୍ରକାଶ ଚନ୍ଦ୍ର ସେଠୀ କହିଛନ୍ତି। ମନ୍ଦିର ଭାଙ୍ଗିବାକୁ ନେଇ ସାମାଜିକ କର୍ମୀ ଦିଲୀପ ସାମନ୍ତରାୟ ଏନ୍‌ଜିଟିରେ ଏକ ପିଟିଶନ ଦାଏର କରିଥିଲେ। ଅନ୍ୟପକ୍ଷରେ ସାଲେପୁର ବ୍ଲକ ଦ୍ୱାରା ପ୍ରାୟ ୭୦ ଲକ୍ଷ ଟଙ୍କା ମନ୍ଦିର ନିର୍ମାଣରେ ଖର୍ଚ୍ଚ କରାଯାଇଥିବା ଜଣେ ପୂର୍ବତନ ଲୋକ ପ୍ରତିନିଧି ପରିଚୟ ଗୋପନ ରଖି କହିଛନ୍ତି। ୬ ଡିସିମିଲି ଜାଗାରେ ଥିବା ମନ୍ଦିର ଯଦି ଜଳ ନିଷ୍କାସନରେ ବାଧା ସୃଷ୍ଟି କରିବ ତା'ହେଲେ କଟକ ସଦର ତହସିଲ ଅଧୀନ ବଗୁଲାପଡା ମୌଜାର କାଠଯୋଡି ନଦୀ ଜଳଧାର ପାର୍ଶ୍ୱ ୪ ଏକର ଜମିରେ ଥିବା ଜଳ ବିଶୋଧନ କାରଖାନା କ'ଣ ଜଳ ନିଷ୍କାସନରେ ପ୍ରତିବନ୍ଧକ ହେବ ନାହିଁ କି ବୋଲି ରଟିଲୋ ଗ୍ରାମର ଅନେକ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ଏନ୍‌ଜିଟି ରାୟକୁ ବିଭିନ୍ନ ସ୍ତରରେ ତର୍ଜମା କରାଯାଇ ମନ୍ଦିର ଭାଙ୍ଗିବା ନିଷ୍ପତ୍ତି ଜିଲା ପ୍ରଶାସନ ଗ୍ରହଣ କଲା ବୋଲି କଟକ ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା କହିଛନ୍ତି। ଅନ୍ୟପକ୍ଷରେ ୧ ମାସ ହେବ ଦାୟିତ୍ୱ ଗ୍ରହଣ କରିଥିବାରୁ ମନ୍ଦିର ନିର୍ମାଣ ବାବଦ ଅର୍ଥ ଖର୍ଚ୍ଚ ପାଇଁ କିଛି କହିପାରିବେ ନାହିଁ ବୋଲି ସାଲେପୁର ବିଡିଓ ରାଜୀବ ଦାସ ସଫେଇ ଦେଇଛନ୍ତି।

# ସ୍କୁଲ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ବିକ୍ଷୋଭ

**କଟକ ଅଫିସ,୩।୯**



ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

ରାଜ୍ୟର ୧୪,୩୭୯ ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥାନ କମ୍ ଥିବା ଆଳ ଦେଖାଇ ସରକାର ତାହାକୁ ବନ୍ଦ କରିବା ପାଇଁ ନିଷ୍ପତି ନେଇଛନ୍ତି। ଫଳରେ ଜିଲାର ୪୪୮ ବିଦ୍ୟାଳୟ ସମେତ କଟକ ସହରର ୨୫ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ ସବୁଦିନ ପାଇଁ ବନ୍ଦ ହେବାକୁ ଯାଉଛି। ସରକାରଙ୍କ ଏହି ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ କଟକ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ବର୍ଷ ବର୍ଷ ଧରି ସ୍କୁଲଗୁଡିକରେ ବହୁ ସଂଖ୍ୟକ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ଗୁଣାତ୍ମକ ଶିକ୍ଷାର ଅଭାବ ରହିଛି। ପାସ୍-ଫେଲ୍ ବ୍ୟବସ୍ଥାର ଉଚ୍ଛେଦ ଏବଂ ଆବଶ୍ୟକ ଭିତ୍ତିଭୂମିର ଅଭାବ ଫଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ପିଲା ହେଉନାହାନ୍ତି ବୋଲି କହି ବିଦ୍ୟାଳୟ ବନ୍ଦ କରିବାକୁ ସରକାର ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ୨୦୨୦ ମାର୍ଚ୍ଚ ୧୧ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ବନ୍ଦ ପାଇଁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତିକୁ ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ଗତ ମେ' ୪ ତାରିଖରେ ରଦ୍ଦ କରି କହିଥିଲେ, ଏହି ବିଜ୍ଞପ୍ତି ସମ୍ବିଧାନର ଧାରା ୨୧(କ) ଏବଂ ଶିକ୍ଷା ଅଧିକାର ଆଇନ୍ ୨୦୦୯ ତଥା ନିୟମ ୨୦୧୦ର ବିରୁଦ୍ଧାଚରଣ କରୁଛି। ଏଣୁ ସ୍କୁଲ ବନ୍ଦ, ମିଶ୍ରଣ ନୀତି ସମ୍ପୂର୍ଣ୍ଣଭାବେ ପ୍ରତ୍ୟାହାର କରାଯାଉ। ଏହି ବିକ୍ଷୋଭରେ କମିଟି ଆବାହକ ପ୍ରଶାନ୍ତ ଦାସ, ପୂର୍ବତନ କର୍ପୋରେଟର ଶେଖ୍ ସମିମଉଲ୍ଲା, ଗୌରାଙ୍ଗ ଚରଣ ସାହୁ, ଗହ୍ମଡିଆ ସାହି ସଭାପତି ମୁମତାଜ ଅଲ୍ଲୀ, ନାରାୟଣ ପାତ୍ର, ଶେଖ୍ ଜୀର୍ବି, ଭି. କ୍ରିଷ୍ଣା, ୱାଇ. ଲଳିତା, ଛାତ୍ରନେତା ବିନୋଦ ସେଠୀ, ଈଶା ଧର, ଶୁଭସ୍ମିତା ସାହୁ, ଅମରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଜ୍ୟୋତିରଞ୍ଜନ


@ ଚନ୍ଦନ


@ ସୁନୀଲ


@ ଟିକି


@ ଦିଲୁ


@ ବିଶ୍ୱଜିତ୍

# ୟୁଟ୍ୟୁବ୍‌ରେ ହେବ କଣିକା ବିଜ୍ଞାନ ସମ୍ପର୍କିତ ୱେବିନାର

**କଟକ ଅଫିସ,୩।୯**

କଣିକା ବିଜ୍ଞାନ ସମ୍ପର୍କରେ ସ୍କୁଲ ପିଲାମାନେ ଜାଣିବା ପାଇଁ ଆସନ୍ତା ୫ ତାରିଖ ପୂର୍ବାହ୍ନ ୧୧ଟା ୟୁଟ୍ୟୁବ୍ ମାଧ୍ୟମରେ ଲାଇଭ ୱେବିନାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଇଂଲିଶ ଓ ଓଡ଼ିଆ ମାଧ୍ୟମ ଅଷ୍ଟମରୁ ଯୁକ୍ତ ୨ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଯୋଗ ଦେବେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ଅନୁଷ୍ଠାନର ପଦାର୍ଥ ବିଜ୍ଞାନୀ ପ୍ରଫେସର ଡ. ସଞ୍ଜୟ କୁମାର ସ୍ୱାଇଁ ଯୋଗଦେଇ 'ବିଶ୍ୱ ବ୍ରହ୍ମାଣ୍ଡ ଏକ ସଂଘାତରେ' ବିଷୟରେ ଉଦ୍‌ବୋଧନ ଦେବେ। ଏଥିସହ ପିଲାମାନଙ୍କୁ କଣିକା ବିଜ୍ଞାନର ଗୂଢ଼ ତତ୍ତ୍ୱ ଏବଂ ଏହାର ଉପାଦେୟତା ସମ୍ପର୍କରେ ଆଲୋଚନା କରିବେ। ସେହିପରି ଦି ୟୁରାନିୟମ ସଙ୍ଗଠନର ମୁଖ୍ୟ ସୁଧାଂଶୁ ଶେଖର ମିଶ୍ର 'ଚନ୍ଦ୍ରରେ ମନୁଷ୍ୟ କରିବ ସର୍ବବୃହତ୍ ହାଇଡ୍ରେନ କୋଲାଇଡର' ବିଷୟରେ ଆଲୋଚନା ମାଧ୍ୟମରେ କଣିକା ବିଜ୍ଞାନର ସାଧାରଣ ତତ୍ତ୍ୱ ପ୍ରଦାନ କରିବେ। ଏହି ବିଷୟରେ ଅଧିକ ସୂଚନା ପାଇଁ ଛାତ୍ରୀଛାତ୍ରମାନେ www.theuranium.org ରେ ଯୋଗାଯୋଗ କରିପାରିବେ ବୋଲି ୟୁରାନିୟମ ସଙ୍ଗଠନ ପକ୍ଷରୁ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

**କଟକ ଅଫିସ,୩।୯**

ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ବର୍ଗର କର୍ମଚାରୀଙ୍କ ବହୁବିଧ ସମସ୍ୟା ସ୍ଥାୟୀ ସମାଧାନ ପାଇଁ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ୧୦ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଶୁକ୍ରବାର ଦିଆଯାଇଛି। କର୍ମଚାରୀଙ୍କର ଅବସର ବୟସ ସୀମା ୬୦ରୁ ୬୫ ବର୍ଷକୁ ବୃଦ୍ଧି, ସ୍ୱାସ୍ଥ୍ୟ ବିଭାଗରେ ଖାଲିପଡିଥିବା ଡି-ଗ୍ରେଡ୍ ପଦବୀକୁ ଯଥାଶୀଘ୍ର ପୂରଣ କରାଯିବା, ଏଜେନ୍ସି ମାଧ୍ୟମରେ ରାଜ୍ୟରେ କାର୍ଯ୍ୟରତ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ସହିତ ସମ୍ପୂର୍ଣ୍ଣ ଭାବେ ଆଉଟସୋର୍ସିଂ ଉଚ୍ଛେଦ, ରାଜ୍ୟର ସମସ୍ତ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ମେଡିକାଲ ପରିସରରେ ସ୍ଥାୟୀ ବାସଗୃହ ନିର୍ମାଣ କରାଯିବା, ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ କରୋନାରେ ମୃତ୍ୟୁ ଘଟିଥିବା କର୍ମଚାରୀଙ୍କୁ କରୋନା ଯୋଦ୍ଧା ଘୋଷଣା ସହ ସମସ୍ତ ଅର୍ଥରାଶି ପ୍ରଦାନ, ରାଜ୍ୟରେ ଖାଲି ପଡିଥିବା ଡ୍ରେସର, ମାଳି, ଚୌକିଦାର, ଲାବୋରେଟୋରି ଆଟେଣ୍ଡାଣ୍ଟ, ବରିଷ୍ଠ ସହାୟକ, ରୋଷେୟା ଆଦି ପଦବୀଗୁଡିକ ଜରୁରୀକାଳୀନ ଭିତ୍ତିରେ ପୂରଣ କରାଯିବା ଭଳି ଦାବି ରହିଛି। ୧୫ ଦିନ ମଧ୍ୟରେ ଏହି ଦାବି ପୂରଣ କରା ନ ଗଲେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଂଘ ସଭାପତି କୃଷ୍ଣଚନ୍ଦ୍ର ପାତ୍ର ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟ ଦେଖିଲେ ବିଡିଓ

ବାଲିଅନ୍ତା,୩।୯(ଡି.ଏନ୍.ଏ.): ବାଲିଅନ୍ତା ବ୍ଲକର ବାଲିଅନ୍ତା ହାଇସ୍କୁଲରେ ଚାଲିଥିବା ରୂପାନ୍ତରୀକରଣ କାର୍ଯ୍ୟକୁ ଶୁକ୍ରବାର ବିଡିଓ ଜୟଦେବ ଦାସ ପହଞ୍ଚି ତଦାରଖ କରିଛନ୍ତି। ସ୍କୁଲର ୪ଟି ସ୍ମାର୍ଟ କ୍ଲାସରୁମ ଚାଲିଥିବା କାର୍ଯ୍ୟକୁ ଦେଖିଛନ୍ତି। ସ୍ମାର୍ଟ କ୍ଲାସରୁମ କାର୍ଯ୍ୟ ତ୍ୱରାନ୍ୱିତ ସହ ବାକିଥିବା ସମସ୍ତ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ଶୌଚାଳୟକୁ ରାସ୍ତା ନଥିବାରୁ ଛାତ୍ରୀଛାତ୍ରମାନେ ପାଣିରେ ପଶି ଯାତାୟାତ କରୁଥିବା କେତେଜଣ ପୁରାତନ ଛାତ୍ର ବିଡିଓ ଦାସଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟାଳୟ ଗେଟଠାରୁ ଶୌଚାଳୟ ପର୍ଯ୍ୟନ୍ତ ତୁରନ୍ତ ଅସ୍ଥାୟୀ ମାଟି ରାସ୍ତା ନିର୍ମାଣ ସହ ଶିଶୁ ଉଦ୍ୟାନ କାମକୁ ୧୦ଦିନ ଭିତରେ ସାରିବାକୁ ସେ ଉପସ୍ଥିତ ବ୍ଲକର କନିଷ୍ଠ ଯନ୍ତ୍ରୀ ମାନସୀ ସ୍ୱର୍ଣ୍ଣଲତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟରେ ଥିବା ଏକ ଅସୁରକ୍ଷିତ କୋଠାକୁ ଭାଙ୍ଗି ନୂତନ ୨ ମହଲା ଗୃହ ନିର୍ମାଣ ଲାଗି ପ୍ରଧାନଶିକ୍ଷୟିତ୍ରୀ ଭବାନୀ ଶଙ୍କର ମହାପାତ୍ର ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୁରୁଣା ଜଗନ୍ନାଥ ସଡ଼କଠାରୁ ବିଦ୍ୟାଳୟକୁ ସଂଯୋଗ କରୁଥିବା ଓ ବାକି ଥିବା ୫୦ଫୁଟ ରାସ୍ତାକୁ ଢଳେଇ ପାଇଁ ସ୍ଥାନୀୟ ଅଧିବାସୀ ବିଡିଓଙ୍କ ନିକଟରେ ଦାବି କରିଥିଲେ।

### ୬ ଘରୁ ଚୋରି : ଜଣେ ଅଭିଯୁକ୍ତଙ୍କୁ କାବୁ କଲେ ଗ୍ରାମବାସୀ

ଆଠଗଡ଼, ୩।୯(ସ୍ୱ.ପ୍ର.): ଆଠଗଡ଼ ଥାନା ଅନ୍ତର୍ଗତ ନୂଆବନ୍ଧ ଗ୍ରାମରେ ୬ ଜଣଙ୍କ ଘରୁ ସୁନାଗହଣା, ନଗଦ ଟଙ୍କା ସହ ଗାଡ଼ି ଚୋରି କରି ୬ ଜଣ ଦୁର୍ବୃତ୍ତ ପଳାଇଯାଉଥିବାବେଳେ ଜଣେ ଅଭିଯୁକ୍ତଙ୍କୁ ଗ୍ରାମବାସୀ କାବୁ କରିଛନ୍ତି। ତାଙ୍କୁ ନେଇ ଗ୍ରାମବାସୀ ପୋଲିସ ଜିମା ଦେଇଛନ୍ତି। ଏହି ଥାନା ଅନ୍ତର୍ଗତ ଖୁଣ୍ଟକଟା ପଞ୍ଚାୟତ ନୂଆବନ୍ଧ ଗ୍ରାମ ଉପରସାହିର ପ୍ରଭାକର ଜେନା, କୁଳମଣି ଜେନା, ଭାସ୍କର ଜେନା, ଯୋଗୀନାଥ ଜେନା, ଗୁଣ୍ଡିଚା ମହାନ୍ତି ଏବଂ ପ୍ରଦୀପ କୁମାର ମହାନ୍ତଙ୍କ ପରିବାର ଲୋକେ ଗୁରୁବାର ରାତିରେ ଘରେ ଶୋଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ସେମାନଙ୍କ ଘରେ ପଶି ସୁନାଗହଣା, ନଗଦ ଟଙ୍କା ନେଇ ପଳାଇଯାଉଥିଲେ। ଗ୍ରାମବାସୀ ଉଠିଯିବାରୁ ଜଣେ ଦୁର୍ବୃତ୍ତ ଆଉ ଖସି ବାକୁ ସକ୍ଷମ ହୋଇ ନ ଥିଲେ। ତାଙ୍କ ପାଖରୁ ଗୋଟିଏ ସ୍କୁଟି ସହ କିଛି ଚୋରି ସାମଗ୍ରୀ ଜବତ ହୋଇଛି।

### ସମବାୟ ବିଭାଗ ନିଯୁକ୍ତିରେ ଜାଲିଆତି ଅଭିଯୋଗ

ଆଠଗଡ଼, ୩।୯(ସ୍ୱ.ପ୍ର.): ଆଠଗଡ଼ ସମବାୟ ବ୍ୟାଙ୍କ ଦୁର୍ନୀତି ପଦାକୁ ଆସିବା ପରେ ଏବେ ଉକ୍ତ ବିଭାଗରେ ନିଯୁକ୍ତି ପାଇଁ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଖବରଦାତା ସମ୍ମିଳନୀ ଜରିଆରେ ସମବାୟ ବ୍ୟାଙ୍କ ଦୁର୍ନୀତି ଆନ୍ଦୋଳନର ନେତୃତ୍ୱ ନେଇଥିବା ଅଭୟ ବାରିକ ସୂଚନା ଦେଇଛନ୍ତି। ସେ କହିଛନ୍ତି ଜଣେ ମନ୍ତ୍ରୀ ଓ ତାଙ୍କ ଭାଇ କ୍ଷମତାର ଦୁରୁପଯୋଗ କରି ବିଭିନ୍ନ ସମୟରେ ସେମାନଙ୍କ ସମ୍ପର୍କୀୟଙ୍କୁ ସମବାୟ ସମିତିରେ ନିଯୁକ୍ତି ଦେଇଛନ୍ତି। ଏହାଦ୍ୱାରା ସମବାୟ ଆଇନର ଖୋଲା ଉଲ୍ଲଂଘନ ହୋଇଛି। ଏହି ଖବରଦାତା ସମ୍ମିଳନୀରେ ସଞ୍ଜୟ କୁମାର ସାହୁ, ଚୁକୁ ସାମଲ, ଜ୍ଞାନରଞ୍ଜନ ମହାପାତ୍ରଙ୍କ ସହ ଅନ୍ୟାନ୍ୟ କ୍ଷତିଗ୍ରସ୍ତ ଚାଷୀ ଅଂଶଗ୍ରହଣ କରିଥିଲେ।

### ହକରଙ୍କଠାରୁ ଝାମ୍ପିନେଲେ ମୋବାଇଲ

ପୁରୁଣା ଭୁବନେଶ୍ୱର,୩।୯(ଡି.ଏନ୍.ଏ.): ଲିଙ୍ଗରାଜ ଥାନା ଅଞ୍ଚଳରେ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଶୁକ୍ରବାର ରବିଟକିଜ୍ ଛକ ନିକଟରୁ ଦୁଇଜଣ ଦୁର୍ବୃତ୍ତ ପେପର ହକର ପବିତ୍ର ମୋହନ ପୃଷ୍ଟିଙ୍କ ମୋବାଇଲ ଫୋନ ଝାମ୍ପିନେଇ ଫେରାର ହୋଇଯାଇଛନ୍ତି। ସୂଚନା ମୁତାବକ, ପୂର୍ବାହ୍ନ ୮ଟାରେ ପବିତ୍ର ପେପର ଦେଉଥିବାବେଳେ ଦୁଇଜଣ ଲୁଟେରା ବାଇକ୍‌ରେ ଆସି ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ପେପର ଅଛିକି ବୋଲି ପଚାରିବା ପରେ କେଉଁ ପେପର ନେବ ବୋଲି ପବିତ୍ର ପଚାରିଥିଲେ। ଅନ୍ୟମନସ୍କତାରୁ ଲୁଟେରା ଜଣକ ପବିତ୍ରଙ୍କ ଶାର୍ଟ ପକେଟରେ ମୋବାଇଲ ଫୋନକୁ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ମୋବାଇଲର ମୂଲ୍ୟ ପ୍ରାୟ ୧୧ହଜାର ଟଙ୍କା ବୋଲି ପବିତ୍ର କହିଛନ୍ତି।

### ପଞ୍ଚାୟତ ଗୃହ, ମିଶନଶକ୍ତି ସଭାଗୃହ ପାଇଁ ଭିତ୍ତିପ୍ରସ୍ତର

ଟିଗିରିଆ, ୩।୯ ( ଡି.ଏନ୍.ଏ.): ଟିଗିରିଆ ବ୍ଲକ ଭୋଗଡ଼ା ପଞ୍ଚାୟତର ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ ଲାଗି ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ରୁପା ଦଳେଇ ଯୋଗଦେଇ ଥିଲେ। ୩୦ଲକ୍ଷ ଟଙ୍କାରେ ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କରାଯିବା ପାଇଁ ବ୍ୟୟ ଅଟକଳ ହୋଇଛି। ସେହିଭଳି ଉକ୍ତ ପଞ୍ଚାୟତରେ ୫ଲକ୍ଷ ଟଙ୍କା ବିନିମୟରେ ଏକ ମିଶନଶକ୍ତି ସଭାଗୃହ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।

# ଖତ କରି ବିକିଦେଲେ, ହିସାବ ଲୁଚାଇଲେ

## କବାଡ଼ିଖାନାରେ ସିଟିବସ୍

- ୨୨କୋଟିର ବସ୍ ୭ ବର୍ଷରେ ଜଖମ୍ ହୋଇଗଲା
- ସରକାରୀ ଯୋଜନା ପ୍ରତି ଅଧିକାରୀଙ୍କ କାର୍ଯ୍ୟ ପଦାରେ ପଡ଼ିଲା

ଭୁବନେଶ୍ୱର, ୩।୯ (ବ୍ୟୁରୋ)



ଡିପୋରେ ପଡ଼ିରହି ନଷ୍ଟ ହେଉଥିବା ସିଟି ବସ୍।

'ମୋ ସାଇକେଲ' ପରି 'ସିଟିବସ୍' ଯୋଜନା ମଧ୍ୟ ବାଟବଣା ହୋଇ କବାଡିଖାନାକୁ ଯାଇଛି। ପୋଖରୀପୁଟସ୍ଥିତ ଡିପୋରେ ୩ବର୍ଷ ପଡିରହିବା ପରେ ବସ୍‌ଗୁଡ଼ିକୁ ସ୍କ୍ରାପ୍ ଦରରେ ବିକ୍ରି କରିଦିଆଯାଇଛି। ୧୨୫ ବସ୍ ମଧ୍ୟରୁ ୧୨୨ଟିକୁ କୋଲକାତାର ଏକ ସ୍କ୍ରାପେଜ୍ ସଂସ୍ଥା ଶାଗମାଛ ଦରରେ କିଣିଛି। ୨୨କୋଟିରେ କିଣାଯାଇଥିବା ଏହି ବସ୍‌ଗୁଡିକ କେତେ ଟଙ୍କାରେ ବିକ୍ରି ହେଲା ତାହାର ତଥ୍ୟ ଦେବାକୁ ଦାୟିତ୍ୱରେ ଥିବା ଅଧିକାରୀମାନେ ଚାହୁଁ ନ ଥିବାରୁ ଏହା ପଛରେ ବଡ଼ କେଳେଙ୍କାରୀ ବାରି ହୋଇପଡୁଛି।

୨୦୧୦ରେ ଜବାହାରଲାଲ୍ ନେହେରୁ ଜାତୀୟ ସହରାଞ୍ଚଳ ନବୀକରଣ ମିଶନ (ଜେଏନ୍‌ଏନ୍‌ୟୁଆର୍‌ଏମ୍) ଯୋଜନାରେ ବସ୍‌ଗୁଡିକୁ କିଣାଯାଇଥିଲା। ଭୁବନେଶ୍ୱର ପୁରୀ ଟ୍ରାନ୍ସପୋର୍ଟ ସର୍ଭିସ ଲିମିଟେଡ୍ (ବିପିଟିଏସ୍‌ଏଲ୍) ବସ୍ ଯୋଗାଇଥିବାବେଳେ ଏହାକୁ ଚଳାଇବା ପାଇଁ ଘରୋଇ ସଂସ୍ଥା ଡ୍ରିମ୍ ଟିମ୍ ସାହାରା (ଡିଟିଏସ୍) ସହ ୭ ବର୍ଷିଆ ଚୁକ୍ତି ହୋଇଥିଲା। ସାମାନ୍ୟ ଖରାପ ହୋଇଥିବା ବସ୍‌କୁ ଠିକ୍ ସମୟରେ ମରାମତି କରାଗଲା ନାହିଁ। ଚୁକ୍ତିପରେ ଅନେକ ବସ୍ ଭଲ ଅବସ୍ଥାରେ ଥାଇ ମଧ୍ୟ ସେଗୁଡିକୁ ନେଇ ଡିପୋରେ ପକାଇ ଦିଆଗଲା। ୨୦୧୮ରେ 'ମୋ ବସ୍' ସେବା ଆରମ୍ଭ ହୋଇଥିବାବେଳେ କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ଏହାର ପରିଚାଳନା ଦାୟିତ୍ୱ ନେଲା। ଏହାପରେ ବିପିଟିଏସ୍‌ଏଲ୍ ସତ୍ତା ହରାଇଥିବାବେଳେ ସିଟି ବସ୍‌କୁ ବିଭାଗୀୟ ଅଧିକାରୀମାନେ ସମ୍ପୂର୍ଣ୍ଣ ରୂପେ ଭୁଲିଗଲେ। ଶେଷରେ ଖରା, ବର୍ଷାରେ ପଡି ପଡି ବସ୍‌ଗୁଡିକ ନଷ୍ଟ ହୋଇଯିବା ପରେ ଏବେ ତାହାକୁ ବିକ୍ରି କରିଦିଆଗଲା। ସିଟି ବସ୍ ଚଳାଚଳ ଦାୟିତ୍ୱରେ ଥିବା ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ୨୦୧୭ ପର୍ଯ୍ୟନ୍ତ ୭ ବର୍ଷିଆ ଚୁକ୍ତି ସରିବା ପରେ ଆଉ ୧ବର୍ଷ ବଢ଼ାଯାଇଥିଲା। ୨୦୧୮ରେ ଆମେ ବସ୍‌ଗୁଡିକୁ କ୍ରୁଟ୍‌କୁ ହସ୍ତାନ୍ତର କରି ଦେଇଥିଲୁ। ଚୁକ୍ତି ଅନୁଯାୟୀ ବସ୍‌ଗୁଡିକୁ ଚଳାଇବ କି ନାହିଁ ତାହା ଅପରେଟରେ ନିଷ୍ପତ୍ତି ନେବ। ତେଣୁ ସବୁକିଛି କ୍ରୁଟ ଉପରେ ନ୍ୟସ୍ତ ଥିଲା। ବସ୍‌ଗୁଡିକୁ ହସ୍ତାନ୍ତର ସମୟରେ ସେଗୁଡିକୁ ଚାଲିବା ସ୍ଥିତିରେ ଥିଲା। କ୍ରୁଟ୍ ଏହାକୁ ନ ଚଳାଇ ଏହାର ନିଲାମ କରିଛି। ବସ୍‌ଗୁଡିକ ସର୍ବାଧିକ ୧୫ ବର୍ଷ ପର୍ଯ୍ୟନ୍ତ ରାସ୍ତାରେ ଚାଲିପାରିବ। ମୋଟର ଭେହିକିଲ୍ ଆକ୍ଟର ଯେଉଁସବୁ ନିୟମ ରହିଛି ତାହା ଘରୋଇ ବସ୍ ଚାଳକ ପାଳନ କରନ୍ତି ନାହିଁ। ତେଣୁ ବର୍ଷ ବର୍ଷ ଧରି ଘରୋଇ ବସ୍‌ଗୁଡିକ ଚାଲୁଥାଏ। ଏଠାରେ ପ୍ରଶ୍ନ ଉଠୁଛି ସାଧାରଣ ବସ୍ ୧୫ବର୍ଷ ଧରି ଚାଲିପାରିବାର ନିୟମ ଥିବାବେଳେ ସିଟି ବସ୍‌ପାଇଁ ମାତ୍ର ୭ବର୍ଷ କ'ଣ ପାଇଁ ଧାର୍ଯ୍ୟ କରାଯାଇଥିଲା। ସେହିପରି କ୍ରୁଟ୍‌କୁ ସିଟି ବସ୍ ହସ୍ତାନ୍ତର କରିବା ପରେ ୩ବର୍ଷ ଧରି ସମସ୍ତ ବସ୍‌ଗୁଡିକୁ ଏଭଳି ନଷ୍ଟ ହେବାକୁ କାହିଁକି ଛାଡିଦିଆଯାଇଥିଲା। ଯଦି ନିଲାମ କରିବାର ଥିଲା ତେବେ ଏତେଦିନ ଧରି ତାହାକୁ ଡିପୋରେ ଖତ ଖାଇବାକୁ କାହିଁକି ପକାଯାଇଥିଲା। ବସ୍ ବନ୍ଦ ହେବା ପରେ ତୁରନ୍ତ ଏହାର ନିଲାମ କରିଥିଲେ ଆହୁରି ଅଧିକ ମିଳିପାରିଥାନ୍ତା।

ଏନେଇ କ୍ରୁଟ୍ ଜିଏମ୍ ଦୀପ୍ତି ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ୭ବର୍ଷିଆ ଚୁକ୍ତି ସରିବା ପରେ ବି ଆଉ ୧ବର୍ଷ ବସ୍ ଚାଲିଥିଲା। ଏହାପରେ ଆର୍‌ଟିଓ ଏମ୍‌ଭିଆଇ ବସ୍‌ଗୁଡିକୁ କଣ୍ଡେମ୍‌ସନ୍ କରିବାକୁ କହିଥିଲେ। ସରକାରଙ୍କ ସ୍କ୍ରାପ ପଲିସି ଅନୁଯାୟୀ ସମସ୍ତ କାର୍ଯ୍ୟ ହୋଇଛି। କେନ୍ଦ୍ରୀୟ ସଂସ୍ଥା ଏମ୍‌ଏସ୍‌ଟିସିକୁ ଟେଣ୍ଡର ଦିଆଯାଇଥିଲା। ଟେଣ୍ଡର ପ୍ରକ୍ରିୟାରେ ନିଲାମ ଡାକି ୧୨୧ଟି ଗାଡ଼ିକୁ ବିକ୍ରି କରାଗଲା। ବାକିଥିବା ୪ଟି ଗାଡିକୁ ଟଏଲେଟ୍ ଅନ୍ ହ୍ୱିଲ୍ ପାଇଁ ବିଏମ୍‌ସିକୁ ପ୍ରଦାନ କରାଯାଇଛି। ଅର୍ବାନ୍ ବସ୍‌ଗୁଡିକ ପାଇଁ କେନ୍ଦ୍ର ସରକାର ଏକ ସମୟସୀମା ଧାର୍ଯ୍ୟ କରିଛନ୍ତି। ଅର୍ବାନ ବସ୍ ଓ ଘରୋଇ ବସ୍ ସହିତ ତୁଳନା କରାଯାଇ ପାରିବ ନାହିଁ। କାରଣ ଅର୍ବାନ ବସ୍ ପ୍ରତି ୨୫/୩୦ ବା ପ୍ରତି ୫୦ ମିଟରରେ ବସ୍‌ଗୁଡିକ ବିଭିନ୍ନ ଷ୍ଟପେଜ୍‌ରେ ରୁହେ। ତେଣୁ ଇଞ୍ଜିନ ଉପରେ ପ୍ରଭାବ ପଡେ ଓ ବେଶିଦିନ ପର୍ଯ୍ୟନ୍ତ ଚାଲିପାରେ ନାହିଁ। ଲଙ୍ଗରୁଟ୍ ବସ୍ ଓ ଶର୍ଟରୁଟ୍ ବସ୍ ସମାନ ନୁହେଁ। 'ମୋ ବସ୍'ଗୁଡିକର ସମୟ ସୀମା ମଧ୍ୟ ୮ବର୍ଷ ରହିଛି। ତେଣୁ ବିକ୍ରି ହୋଇଥିବା ସିଟି ବସ୍‌ଗୁଡିକ ସବୁ ଅକାମୀ ହୋଇଯାଇଥିଲା। ଏମ୍‌ଭିଆଇ ବସ୍‌ଗୁଡିକର ଯେଉଁ ଦର ଧାର୍ଯ୍ୟ କରିଥିଲେ ସେହି ଅନୁସାରେ ବିକ୍ରି ହୋଇଛି। ଏଥିରେ କ୍ରୁଟ୍‌ର କୌଣସି ଭୂମିକା ନାହିଁ। ତେବେ କେତେ ଟଙ୍କାରେ ବିକ୍ରି ହୋଇଛି ସେ ସମ୍ପର୍କରେ ସେ କୌଣସି ସ୍ପଷ୍ଟ ସୂଚନା ଦେଇ ନ ଥିଲେ।

### ସିଟି ବସ୍ ନଷ୍ଟ ପାଇଁ ପରିଚାଳନାଗତ ତ୍ରୁଟି ଦାୟୀ



ଯେକୌଣସି ଜିନିଷର ଠିକ୍ ଭାବେ ପରିଚାଳନା ହୋଇ ନ ପାରିଲେ ଏପରି ପରିଣତି ହୋଇଥାଏ। ସରକାର ଜନସାଧାରଣଙ୍କ ଟଙ୍କାରେ ଭିନ୍ନ ଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ଏହାର ଠିକ୍ ଭାବେ ଦାୟିତ୍ୱ ନିଆଯାଉ ନାହିଁ। ଫଳରେ ଯୋଜନାଗୁଡିକ ଦିଗହରା ହେଉଛି। ଡିପୋରେ ପଡିଥିବା ଅଧିକାଂଶ ଗାଡ଼ି ଭଲ ଅବସ୍ଥାରେ ଥିଲା। ସରକାର ଚାହିଁଥିଲେ ସେଗୁଡିକୁ ଆହୁରି କିଛି ବର୍ଷ ଚଳାଇ ପାରିଥାନ୍ତେ। ମାତ୍ର ସେପରି କଲେନାହିଁ। ପୁଣି ଲୋକଙ୍କ ଟଙ୍କାରେ ନୂଆ ବସ୍ କିଣାଗଲା। ଏଗୁଡିକର ମଧ୍ୟ ସମାନ ଅବସ୍ଥା ହେବ।

ପ୍ରିୟବ୍ରତ ପଣ୍ଡା, ସାମାଜିକକର୍ମୀ

### କେତେ ଟଙ୍କାରେ ବିକ୍ରି ହେଲା ତାହାର ହିସାବ ଦିଅନ୍ତୁ



ସରକାରଙ୍କ ସମସ୍ତ ଯୋଜନା ଅଧାପନ୍ତରିଆ କରାଯାଇ ବାଟମାରଣା ହେଉଛି। ସିଟି ବସ୍ କ୍ଷେତ୍ରରେ ବି ସେପରି ହୋଇଛି। ବସ୍ କିଣିବାବେଳେ କେତେ ଖର୍ଚ୍ଚ ହେଲା ତାହାର ହିସାବ ସରକାର ଦେଉଛନ୍ତି। ନିଲାମ ବେଳେ କେତେ ଟଙ୍କାରେ ବିକ୍ରି ହେଲା କାହିଁକି ଲୋକଙ୍କୁ ଜଣାଉ ନାହାନ୍ତି। ସରକାର କେବଳ ଲୋକଦେଖଣିଆ କାମ କରୁଛି। ଆମରି ଟଙ୍କାରେ ଆମକୁ ଭେଟି ଦେଇ ବୋକା ବନାଉଛି। କ୍ରୁଟ୍ କର୍ତ୍ତୃପକ୍ଷ ଚାହିଁଥିଲେ ଭଲ ଅବସ୍ଥାରେ ଥିବା ସିଟି ବସ୍‌ଗୁଡିକ ମଧ୍ୟରୁ କିଛିକୁ ପୁଣି ଚଳାଇ ପାରିଥାନ୍ତେ। ମାତ୍ର ତାହା ହେଲାନାହିଁ।

–ତ୍ରିଲୋଚନ ବେଉରା, ରାଜଧାନୀ ବାସିନ୍ଦା



ଭୁବନେଶ୍ୱର ଓୟୁଏଟିସ୍ଥିତ ଭେଟେରିନାରି କଲେଜର ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍ ପରୀକ୍ଷା ଦାବିକରି ଶୁକ୍ରବାର ଧାରଣାରେ ବସିଛନ୍ତି।

## ଓଡ଼ିଆ ଭଜନ, ଜଣାଣ, ଭକ୍ତିଭାବର ଅପୂର୍ବ ସମନ୍ୱୟ ଥିଲେ ଅରବିନ୍ଦ

ଭୁବନେଶ୍ୱର, ୩।୯ (ବ୍ୟୁରୋ)

ସାଂସ୍କୃତିକ ଅନୁଷ୍ଠାନ ଅରବିନ୍ଦ ମୁଦୁଲି ଫାଉଣ୍ଡେଶନ ଆନୁକୂଲ୍ୟରେ କଣ୍ଠଶିଳ୍ପୀ ସ୍ୱର୍ଗତ ଅରବିନ୍ଦ ମୁଦୁଲିଙ୍କ ୫୯ତମ ଜୟନ୍ତୀ ଭର୍ଚୁଆଲରେ ଅନୁଷ୍ଠିତ ହୋଇଛି। ବରିଷ୍ଠ ଖବରଦାତା ତଥା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ସ୍ୱରାରବିନ୍ଦ ଅରବିନ୍ଦ ଥିଲେ ଓଡ଼ିଆ ଭଜନ, ଜଣାଣ ତଥା ଭକ୍ତିଭାବର ଅପୂର୍ବ ସମନ୍ୱୟ। ସଙ୍ଗୀତ ମାଧ୍ୟମରେ ଓଡ଼ିଶାର କଳା ସଂସ୍କୃତିକୁ ଦେଶ ବିଦେଶରେ ପରିଚିତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପାଟ୍ଟଶାଣୀ, ସଂସ୍କୃତି ବିଶାରଦ ପଦ୍ମଶ୍ରୀ ଡ. ରଜତ କୁମାର କର, ବରିଷ୍ଠ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, କବି ତଥା ପ୍ରଶାସକ ଶରତ ଦାଶ, ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡ. ସମ୍ବିତ ପାତ୍ର ପ୍ରମୁଖ ଅରବିନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରି ତାଙ୍କ ସଙ୍ଗୀତ–ସମର୍ପଣ ଚେତନାକୁ ସ୍ମରଣ କରିଥିଲେ। ପରେ କଣ୍ଠଶିଳ୍ପୀ ସଙ୍ଗୀତା ମୁଦୁଲି, ସୁଧାଂଶୁ ଶେଖର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ ଓ ଆଶ୍ରିତା ଚୌଧୁରୀ ଅଭୁଲା ଅରବିନ୍ଦ ସଙ୍ଗୀତ ପରିବେଷଣ କରିଥିଲେ। ବିଶ୍ୱର ବିଭିନ୍ନ ରାଷ୍ଟ୍ରରୁ ପ୍ରବାସୀ ଓଡ଼ିଆ ସ୍ୱରାରବିନ୍ଦ ସନ୍ଧ୍ୟାରେ ସାମିଲ ହୋଇ ସ୍ମୃତିଚାରଣ କରିବା ସହିତ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଫାଉଣ୍ଡେଶନର ମ୍ୟାନେଜିଂ ଟ୍ରଷ୍ଟି କୃପାସିନ୍ଧୁ ମୁଦୁଲି ଧନ୍ୟବାଦ ଦେଇଥିଲେ।

## କ୍ରୀଡ଼ା କ୍ଷେତ୍ରର ଉଦୀୟମାନ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୩।୯

ଭୁବନେଶ୍ୱର ଲେଡିଜ୍ ସର୍କଲ ୧୨ ପକ୍ଷରୁ ଆଗାମୀ ଚାମ୍ପିୟନ୍ସ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡା ଏବଂ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ବିଶିଷ୍ଟ ଗଲ୍‌ଫ ଖେଳାଳି ଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱରର ୧୦ ଆର୍ଥିକ ଅନଗ୍ରସର ମେଧାବୀ ପିଲାଙ୍କୁ ୧୦ ହଜାର ଟଙ୍କା ଲେଖାଏ ବୃତ୍ତି ପ୍ରଦାନ କରାଯାଇଥିଲା। ଏମାନଙ୍କ ମଧ୍ୟରେ ଫୁଟବଲରେ ସମରେଇ ସୋରେନ (୧୪), ସିଦ୍ଧାର୍ଥ ସିଂହ(୧୩), ସମ୍ଭୁନାଥ ସ୍ୱାଇଁ(୧୩), ଲିପୁ ମୁର୍ମୁ(୧୧), କରାଟେରେ ଅର୍ପିତା ସିଂ, ଚିରସ୍ମିତା ଭଞ୍ଜଦେଓ, ପାୟଲ ବରାଳ, ରିତେଶ ମହାନ୍ତି, ୱେଟଲିଫ୍ଟିଂରେ ଅନୁପମା ଏବଂ ପୁନିତ ସାହୁ ପ୍ରମୁଖ ରହିଛନ୍ତି। କ୍ରୀଡା କ୍ଷେତ୍ରରେ ରାଜ୍ୟର ଆଗାମୀ ଭବିଷ୍ୟତମାନଙ୍କୁ ଉତ୍ସାହିତ କରିବା ଏଭଳି କାର୍ଯ୍ୟକ୍ରମର ଲକ୍ଷ୍ୟ। ଭୁବନେଶ୍ୱର ଲେଡିଜ୍ ସର୍କଲ ୧୨, ଭୁବନେଶ୍ୱର ରାଉଣ୍ଡ ଟେବୁଲ ୫୩, ଭୁବନେଶ୍ୱର ମିଡ୍ ଟାଉନ୍ ରାଉଣ୍ଡ ଟେବୁଲ ୯୩, ଟାର୍‌ଜେଣ୍ଟ ୮ ଏବଂ ୪୧ଅର୍ସ କ୍ଲବ ୧୬୩ ଦ୍ୱାରା ଏହା ଆୟୋଜନ କରାଯାଇଥିଲା।




ମନ୍ତ୍ରୀ ତୁଷାରକାନ୍ତି ବେହେରା ପୁରସ୍କାର ପ୍ରଦାନ କରୁଛନ୍ତି।

## ଗାଡି ପାର୍କିଂକୁ ନେଇ ରାଜଧାନୀରେ ଫୁଟିଲା ଗୁଳି

ଭୁବନେଶ୍ୱର,୩।୯(ବ୍ୟୁରୋ): କାର୍ ପାର୍କିଂକୁ ନେଇ ଖଣ୍ଡଗିରି ଥାନା ଜାଗମରାରେ ୨ ପଡ଼ୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଫଳରେ ଜଣେ ପଡ଼ୋଶୀ ଫାଙ୍କା ଗୁଳି ଚଳାଇଛନ୍ତି। ଗଣ୍ଡଗୋଳରେ ଗୋଟିଏ ପରିବାରର ଜଣେ ମହିଳା ଓ ଜଣେ ଯୁବତୀ ଆହତ ହୋଇଛନ୍ତି। ଏ ନେଇ ଖଣ୍ଡଗିରି ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ପୃଥକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଛି। ଏ ନେଇ ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ, କଟକ କନ୍ଦରପୁରର ତ୍ରିଦୀପ୍ତ ରାଉତ ଜାଗମରାରେ ରୁହନ୍ତି । ଶୁକ୍ରବାର ଅପରାହ୍ନରେ ଜାଗମରା ଗ୍ରାମର ଅନଙ୍ଗଭୂଷଣ ପଟ୍ଟନାୟକ ଏକ କାର୍‌ରେ ଆସି ତ୍ରିଦୀପ୍ତଙ୍କ ଘର ସାମ୍ନାରେ ପାର୍କିଂ କରିଥିଲେ। ଫଳରେ ତ୍ରିଦୀପ୍ତ ଏହାକୁ ବାରଣ କରିଥିଲେ। ଏ ନେଇ ଉଭୟ ପରିବାରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ହାତାହାତିରେ ତ୍ରିଦୀପ୍ତଙ୍କ ମା' ଓ ଝିଅ ଆହତ ହୋଇଥିଲେ। ଏହି ସମୟରେ ତ୍ରିଦୀପ୍ତ ଉତ୍‌କ୍ଷିପ୍ତ ହୋଇ ପାଖରେ ରଖିଥିବା ଲାଇସେନ୍ସପ୍ରାପ୍ତ ବନ୍ଧୁକରେ ତିନି ରାଉଣ୍ଡ ଫାଙ୍କା ଗୁଳି ଚଳାଇଥିଲେ। ଫଳରେ ସେଠାରେ ଥିବା ଲୋକମାନେ ଭୟଭୀତ ହୋଇପଡ଼ିଥିଲେ।

## ପଟ୍ଟନାୟକିଆ ଛକରୁ ସୁଆଣ୍ଡୋ 'ଗୋପବନ୍ଧୁ ମାର୍ଗ' ହେଉ

- ଜିଲାପାଳଙ୍କୁ ଦାବିପତ୍ର ଦେଲେ ବୁଦ୍ଧିଜୀବୀ
- ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ନିବେଦନ କରିଥିଲେ
- ରବିବାରଠାରୁ ଆରମ୍ଭ ହେବ ଦସ୍ତଖତ ଅଭିଯାନ

ପୁରୀ ଅଫିସ,୩।୯



ଜିଲାପାଳ ସମର୍ଥ ବର୍ମା ଓ ଗରିବ ସାଥୀ କର୍ମକର୍ତ୍ତା।

ପୁରୀ–ଭୁବନେଶ୍ୱର ଜାତୀୟ ରାଜପଥର ସତ୍ୟବାଦୀ ପଟ୍ଟନାୟକିଆ ଛକକୁ ଗୋପବନ୍ଧୁ ଦାସ ଛକ ଓ ପଟ୍ଟନାୟକିଆ ଛକରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ସୁଆଣ୍ଡୋକୁ ସଂଯୋଗ କରୁଥିବା ରାସ୍ତାକୁ 'ଗୋପବନ୍ଧୁ ମାର୍ଗ' ରୂପେ ନାମକରଣ ପାଇଁ ଦାବି ହୋଇଛି। ସତ୍ୟବାଦୀର ବୁଦ୍ଧିଜୀବୀ ଓ ସାମାଜିକ ଅନୁଷ୍ଠାନ ଗରିବ ସାଥୀର କର୍ମକର୍ତ୍ତା ଶୁକ୍ରବାର ଜିଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଏହି ଦାବି କରିଛନ୍ତି। ଏଥିସହ ପୂର୍ବରୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ଦୃଷ୍ଟି ଆକର୍ଷଣ କରାଯିବା ସହ ନୂଆ ନାମକରଣ ନେଇ ନିବେଦନ ଜଣାଇଛନ୍ତି।

ଏ ନେଇ ସାମାଜିକ କର୍ମୀ ତଥା ସଙ୍ଗଠନର ସନ୍ଦୀପ ମହାପାତ୍ର କହିଛନ୍ତି, ପଟ୍ଟନାୟକିଆ ଛକ ଏବେ ବି ଅନାମଧେୟ ହୋଇ ରହିଛି। ଜିଲାବାସୀ ଏଭଳି ଛକକୁ ଜାଣିପାରୁନାହାନ୍ତି। ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମପୀଠକୁ ସଂଯୋଗ କରୁଥିବା ଛକକୁ ରାଜ୍ୟବାସୀ ଜାଣିବାର ଆବଶ୍ୟକତା ରହିଛି। ସୁଆଣ୍ଡୋକୁ ଥିବା ରାସ୍ତା ପୁନଃ ନାମକରଣ ହୋଇପାରିଲେ ଲୋକେ ଉତ୍କଳମଣିଙ୍କ ଜନ୍ମପୀଠକୁ ସହଜରେ ଯାଇପାରନ୍ତେ ଏବଂ ସଂପୃକ୍ତ ଛକ ଓ ରାସ୍ତାକୁ ପରିଚୟ ମିଳନ୍ତା। ଅନ୍ୟପକ୍ଷରେ ଜିଲାପାଳ ସମର୍ଥ ବର୍ମା ଏ ନେଇ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିବା ପରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତା ରବିବାର ଦିନ ଏକ ଦସ୍ତଖତ ଓ ମତାମତ ସଂଗ୍ରହ ଅଭିଯାନ କରାଯିବ।




ଦାବିପତ୍ର ପ୍ରଦାନବେଳେ କୈଳାସ ପଲେଇ, ଅର୍ପିତା ମହାପାତ୍ର, ନିରଞ୍ଜନ ଜେନା, ଶଙ୍କର ପଲେଇ, ପ୍ରତାପ ପରିଡ଼ା, ଦେବରାଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଖିଲିଖିଲି ହସ

୧

ଶିକ୍ଷକ- ହିନ୍ଦୀ ଆମର ମାତୃଭାଷା ଅଟେ। ଏହାକୁ ପିତୃଭାଷା କାହିଁକି କୁହାଯାଏନି ?

ଛାତ୍ର- କାହିଁକି ନା ମାତାଶ୍ରୀ କେବେ ହେଲେ ପିତାଶ୍ରୀଙ୍କୁ କହିବାର ସୁଯୋଗ ଦେଇ ନାହାନ୍ତି।

୨

ଶିକ୍ଷକ- ପିଲାମାନେ, ତୁମ ସମସ୍ତଙ୍କ ମଧ୍ୟରେ କିଏ ସବୁଠୁ ସାହସୀ ?

ଏକଥା ଶୁଣି ଶ୍ରେଣୀର ସବୁ ପିଲା ହାତ ଉପରକୁ ଉଠାଇଲେ। ଏହା ଦେଖି ଶିକ୍ଷକ ପୁଣି ଥରେ ପ୍ରଶ୍ନ କଲେ- ଆଚ୍ଛା ପିଲାମାନେ ତୁମ ସ୍କୁଲ ଆଗରେ କେହି ଯଦି ବୋମା ରଖିଦିଏ ତମେ କ'ଣ କରିବ ?

ପପୁ- ଏକଥା ଶୁଣି ପପୁ ସଙ୍ଗେ ସଙ୍ଗେ ଉତ୍ତର ଦେଲା, ଏକ ମିନିଟ୍ ପର୍ଯ୍ୟନ୍ତ ଅପେକ୍ଷା କରିବୁ, ଯଦି କେହି ନ ନେଲେ ତେବେ ତାକୁ ଶିକ୍ଷକମାନଙ୍କ ଷ୍ଟାଫ୍ ରୁମରେ ରଖିଦେବୁ।

୩

ବିଜ୍ଞାନ ଶିକ୍ଷକ- ରାଜୁ ତମେ ଶ୍ରେଣୀରେ ଶୋଇଛ କାହିଁକି ?

ରାଜୁ- ନାହିଁ ସାର୍ ମୁଁ ଶୋଇନି, ମାଧ୍ୟାକର୍ଷଣ ଶକ୍ତି ଯୋଗୁ ମୋ ମୁଣ୍ଡ ତଳକୁ ପଡ଼ିଯାଉଛି।

୪

ଶିକ୍ଷକ- ଆଚ୍ଛା ପିଲାମାନେ ସିନିୟର୍ ଏବଂ ଜୁନିୟର ଭିତରେ ଫରକ କ'ଣ ?

ଛାତ୍ର- ସାର୍ ଯେଉଁମାନେ ସମୁଦ୍ର କୂଳରେ ରହନ୍ତି ସେମାନଙ୍କୁ ସି-ନିୟର କହନ୍ତି ଆଉ ଯେଉଁମାନେ ଚିଡିଆଖାନା ନିକଟରେ ରହନ୍ତି ସେମାନଙ୍କୁ ଜୁ-ନିୟର କହନ୍ତି।

## କହିଲ ଦେଖି

ହାତଧରି ଲେଖାନ୍ତି
କେତେ କଥା ଶିଖାନ୍ତି
ଅନ୍ଧାରରୁ ଆଲୋକର ପଥ
ଦେଖାନ୍ତି।
ତାଙ୍କୁ ସମ୍ମାନ ଦେଇ
ଆମେ ଯିବା ଆଗେଇ
କିଏ ଏ ନରଦେବତା ଦିଅ ବତାଇ।
ଉ- **ଗୁରୁ**

ଦର୍ଶନର ଶିକ୍ଷକ
ପଣ୍ଡିତ ଅଧ୍ୟାପକ
ଥିଲେ ଆମ ରାଷ୍ଟ୍ରପତି ଦେଶ
ରକ୍ଷକ।
ତାଙ୍କ ଜନମ ଦିନ
ଗୁରୁ ପାଇଁ ପାଳନ
କିଏ ଏ ମହାପୁରୁଷ କୁହ ଭାଳିଣ।
ଉ- **ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍**

ଭଲ ଭବିଷ୍ୟତ ଗଢିବା ପାଇଁ
କରି ଥାଏ ସେ ଚେଷ୍ଟା
ଜ୍ଞାନ ବିବେକ ପାଇଥାଏ ସେ
ଥିଲେ ଗଭୀର ନିଷ୍ଠା।
କରେ ଗୁରୁଙ୍କୁ ଭକ୍ତି,
ଏ କିଏ ଦେଖି କହିଲ ପିଲେ
ଖେଳାଇ ଭାବନା ଶକ୍ତି।

ଉ- **ଶିଷ୍ୟ**

ତୁମରି ପାଇଁ ତିଆରି ମୁହିଁ
ସବୁ ଭାଷା ମୋତେ ଜଣା
ବୁଦ୍ଧି ବିବେକ ବଢ଼ିବା ପାଇଁ
ହୋଇ ଥାଏ ମୁଁ କିଣା।
ମୋ ନାମ କୁହ ଦେଖି
ପାରିବ ବହେ ଶିଖି।
ଉ- **ବହି**

**-କବିଜ୍ୟୋତି ନିରଞ୍ଜନ ପତି**
ଗାନ୍ଧିମାର୍ଗ, ଅନୁଗୋଳ



ଆରାଧ୍ୟା
୬ବର୍ଷ

ଆ ଇ ନା

# ଗୁରୁଦିବସ

ଗୁରୁ-ଶିଷ୍ୟଙ୍କର ପବିତ୍ର ସମ୍ପର୍କକୁ ମନେ ରଖିବା ପାଇଁ ଗୁରୁଦିବସ ବିଦ୍ୟାଳୟ ଭଳି ଶିକ୍ଷାନୁଷ୍ଠାନମାନଙ୍କରେ ବହୁ ଆଡମ୍ବର ସହକାରେ ପାଳନ କରାଯାଏ। ଛାତ୍ରୀଛାତ୍ରମାନେ ଗୁରୁ ବା ଶିକ୍ଷକମାନଙ୍କୁ ଦେବତୁଲ୍ୟ ପୂଜା କରି ସେମାନଙ୍କ ଆଶୀର୍ବାଦ ଭିକ୍ଷା କରିଥାନ୍ତି।

ଗୁରୁ ହେଉଛନ୍ତି ବିଶେଷ ଜ୍ଞାନ ଓ ଦକ୍ଷତାର ଅଧିକାରୀ। ଯିଏ ଅଜ୍ଞାନରୂପୀ ଅନ୍ଧାରରୁ ଜ୍ଞାନରୂପକ ଆଲୋକ ଆଡ଼କୁ ବାଟ ଦେଖାନ୍ତି ସିଏ ହିଁ ଗୁରୁ। ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସହିତ ତୁଳନା କରାଯାଏ। ଗୁରୁ ହିଁ ପିତା। ଗୁରୁ ହିଁ ମାତା। ଗୁରୁ ହିଁ ବିଦ୍ୟା ଦାତା।

ପ୍ରାଚୀନ ସମୟରେ ଭାରତରେ ଗୁରୁକୁଳ ପ୍ରଥା ପ୍ରଚଳିତ ଥିଲା। ଶିଷ୍ୟମାନେ ଏକ ସୁନ୍ଦର ପ୍ରାକୃତିକ ପରିବେଶ ମଧ୍ୟରେ ଗୁରୁଙ୍କ ପାଖରେ ରହି ବିଦ୍ୟା ଅଧ୍ୟୟନ କରୁଥିଲେ। ଶିଷ୍ୟମାନଙ୍କର ଶାରୀରିକ, ମାନସିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ଉନ୍ନତି ଏହି ଶିକ୍ଷାର ପ୍ରଥମ ଲକ୍ଷ୍ୟ ଥିଲା। ଶିଷ୍ୟମାନେ ଏକାଗ୍ରତା ଓ ନିଷ୍ଠାର ସହିତ ଗୁରୁଙ୍କର ଆଦେଶ ପାଳନ କରି ଜୀବନରେ ସଫଳ ହେଉଥିଲେ।

ଭାରତର ପ୍ରଥମ ଉପରାଷ୍ଟ୍ରପତି ଏବଂ ଦ୍ୱିତୀୟ ରାଷ୍ଟ୍ରପତି ତଥା ବିଶିଷ୍ଟ ଶିକ୍ଷାବିତ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଶିକ୍ଷା ପ୍ରତି ଥିବା ଅବଦାନକୁ ସ୍ମରଣୀୟ କରିବା ପାଇଁ ତାଙ୍କ ଜନ୍ମତିଥି ସେପ୍ଟେମ୍ବର ୫ ତାରିଖକୁ ଗୁରୁଦିବସ ରୂପେ ପାଳନ କରାଯାଉଛି। ୧୯୬୨ ମସିହାରେ ସେ ଯେତେବେଳେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ହେଲେ, ସେହି ସମୟରେ ତାଙ୍କର କିଛି ଛାତ୍ର ତାଙ୍କ ଜନ୍ମଦିବସକୁ ବିଶେଷ ଭାବରେ ପାଳନ କରିବାକୁ ଅନୁରୋଧ କରିଥିଲେ। ମାତ୍ର ଡ.ରାଧାକ୍ରିଷ୍ଣନ ତାଙ୍କର ଜନ୍ମଦିନଟିକୁ ସମଗ୍ର ଶିକ୍ଷକ ସମାଜକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଗୁରୁଦିବସ ରୂପେ ପାଳନ କରିବାକୁ ଅନୁରୋଧ କରିଥିଲେ। ସେହି ବର୍ଷ ଠାରୁ ତାଙ୍କ ଜନ୍ମଦିନକୁ ଗୁରୁଦିବସ ରୂପେ ପାଳନ କରାଯାଉଛି।

କେବଳ ଭାରତ ମାଟିରେ ନୁହେଁ ଆମେରିକା, ଇଂଲଣ୍ଡ, ଚଇନା, ଶ୍ରୀଲଙ୍କା, କାନାଡା, ଅଷ୍ଟ୍ରେଲିଆ, ଜର୍ମାନୀ, ରୋମାନିଆ, ବୁଲଗେରିଆ, ବଂଲାଦେଶ, ପାକିସ୍ତାନ ପ୍ରଭୃତି ଦେଶରେ ବର୍ଷର ଭିନ୍ନ ଭିନ୍ନ ତାରିଖରେ ଗୁରୁଦିବସ ପାଳନ କରାଯାଏ। 'ଇଉନେସ୍କୋ' ଦ୍ୱାରା ସମଗ୍ର ବିଶ୍ୱରେ 'ଅକ୍ଟୋବର ୫'କୁ 'ବିଶ୍ୱ ଶିକ୍ଷକ ଦିବସ' ରୂପେ ପାଳନ କରାଯାଉଛି।

ପ୍ରତିଟି କ୍ଷେତ୍ରରେ ଆଗକୁ ଯିବା ପାଇଁ ଗୁରୁଙ୍କ ଆଶୀର୍ବାଦ ଏକାନ୍ତ ଆବଶ୍ୟକ। ଗୁରୁଙ୍କୁ ନିର୍ମଳ ମନରେ ପୂଜା କଲେ ଆମେ ଜୀବନରେ ସଫଳତା ପାଇପାରିବା।



ଗପ

**-ଅଧ୍ୟାପକ ଶରତ କୁମାର ଦାସ**
ବଡବିଲ ମହାବିଦ୍ୟାଳୟ,
ବଡବିଲ, କେନ୍ଦୁଝର
ମୋ-୮୨୪୯୧୩୭୦୯୧

## କ ବି ତା



### ଗୁରୁ ଦିବସ

ପୁରାଣ ଗାଇଛନ୍ତି ଗୁରୁପୂଜା ମୂଲ୍ୟବୋଧ,
ଗୁରୁ ହିଁ ସଦ୍‌ଗୁଣେ ପୂର୍ଣ୍ଣ ଦେଶ, ଜାତି ଆରାଧ।
ଶ୍ରୀକୃଷ୍ଣ, ଆରୁଣୀ, ଉପମନ୍ୟୁଙ୍କ ଉପମା,
ଚରକ, ଶୁଶ୍ରୁତ, ଏକଲବ୍ୟଙ୍କ ମହିମା,
ଉଦ୍‌ବୁଦ୍ଧ ହେଉ ପ୍ରତିଟି ଦିବସେ ମନେ ଧାୟୀ,
ଗୁରୁ ଅଜ୍ଞାନ ଅନ୍ଧାରୁ ପଥ ଦେବେ କଢ଼ାଇ।
ମାତାପିତା, ଗୁରୁ ଗୁରୁଜନ ଆମ ନମସ୍ୟ,
ତାଙ୍କ ପଥେ ସେବି ହେବା ଆମେ ବଡ଼ ମଣିଷ।
ପ୍ରଣାମ ହେ ଜ୍ଞାନ ଗୁରୁ ସର୍ବପଲ୍ଲୀ ରାଧାକ୍ରିଷ୍ଣନ
'ଗୁରୁ ଦିବସ' ମହାନ୍ ଦିବସ ପ୍ରଚଳନ।
ଗୁରୁର୍ବ୍ରହ୍ମା, ଗୁରୁର୍ବିଷ୍ଣୁ ଯେ ମହେଶ୍ୱର,
ଗୁରୁ ପ୍ରସାଦେ ଜୀବନ ସତ୍ୟ-ଶିବ-ସୁନ୍ଦର।
***-ଡ. ଗଙ୍ଗୋତ୍ରୀ ଦେବୀ,*** ଭୁବନେଶ୍ୱର

### ଗୁରୁ ଅଟନ୍ତି ଈଶ୍ୱର

ଗୁରୁ ଯେ ବ୍ରହ୍ମା ଗୁରୁ ଯେ ବିଷ୍ଣୁ
ଗୁରୁ ହିଁ ମହେଶ୍ୱର
ଗୁରୁ ପାଦକୁ ପ୍ରଣାମ କଲେ
ମିଳଇ ଶୁଭଫଳ।
ଗୁରୁ କୃପାରେ ସରଗ ସୁଖ
ଆପଣାଛାଏଁ ମିଳେ
ମରତ ଧାମେ ମିଳଇ ଯଶ
ଗୁରୁ କରୁଣା କଲେ।
ବୈଶାଖୀ ଖରା ବାଆ ବତାସେ
ଗୁରୁଦିଅନ୍ତି ରାହା
ଦୁଃଖରେ ପଡ଼ି ହେଲେ କାତର
ଗୁରୁ ହୁଅନ୍ତି ସାହା।
ଜଗତେ ସାର ଗୁରୁ ମହିମା
ନ'ମଣ ତାଙ୍କୁ ନର
ଗୁରୁ ଯେ ବ୍ରହ୍ମା ଗୁରୁ ଯେ ବିଷ୍ଣୁ
ଗୁରୁ ହିଁ ମହେଶ୍ୱର।
***-ବୀରକିଶୋର ମହାନ୍ତି***
*ଝାରପଡା, ଭୁବନେଶ୍ୱର*

### ଅଗ୍ରପୂଜ୍ୟ ଗଣେଶ

ବିଦ୍ୟା ବୁଦ୍ଧି ଦାତ୍ତା ଭଗବାନ
ଆଗେ ହୁଏ ତାଙ୍କ ଆବାହନ
ଅଗ୍ର ପୂଜ୍ୟ ଗଜାନନଙ୍କୁ ସୁମରି
ତାଙ୍କ ସ୍ତୁତି କରିଥାଉ ଗାନ।
ବିଦ୍ୟାଳୟେ ହୁଏ ତାଙ୍କ ପୂଜା
କେତେ ରଙ୍ଗେ ହୁଏ ସାଜସଜ୍ଜା
କିଏ ବାନ୍ଧୁଥାଏ ତୋରଣ ସରାଗେ
ଆଉ କେ ବଜାଉଥାଏ ବାଜା।
ବିଧି ବିଧାନରେ ପୂଜା କରି
ଭକ୍ତିରେ ଅରପି ପୁଷ୍ପାଞ୍ଜଳି
ଭୋଗ ନିବେଦନ କରିଥାଉ ଆମେ
ଧୂପ ଦୀପ ତାଙ୍କ ଆଗେ ଜାଳି।
***-ଜୟକୃଷ୍ଣ ସାହୁ***
*କପିଳପ୍ରସାଦ, ଭୁବନେଶ୍ୱର*



### ସବୁଦିନ ମନେ ଥିବ

କେମିତି ପାଳିବ ଗୁରୁଙ୍କ ଦିବସ
ବିଦ୍ୟାଳୟ ହେଲା ଛୁଟି
କୁନା କରିଅଛି ଗ୍ରିଟିଙ୍ଗ୍ କାର୍ଡ୍ ଟେ
ରଙ୍ଗିନ କାଗଜ କାଟି।
ମୁଖସ୍ତ କରିଛି ଏକଲବ୍ୟ କଥା
କହିବ ଆଖି ନଚାଇ
ବନ୍ଦନା ଶିଖିଛି ଜେଜେ ବାପାଠାରୁ
ଶୁଦ୍ଧ ଉଚ୍ଚାରଣ ଦେଇ।
ଫୋନ ଏ ପାଖୁ ପ୍ରଣାମ ଜଣାଇ
ଆଶୀର୍ବାଦ ଲାଭ ହେବ
ଫୋନରେ ପାଳନ ଏ ଗୁରୁ ଦିବସ
ସବୁଦିନ ମନେ ଥିବ।
***-ବିଜୟଲକ୍ଷ୍ମୀ ପାଣିଗ୍ରାହୀ***
*ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ*

### ଗୁରୁ

ନର ନୁହେଁ ସେ ଈଶ୍ୱର
ସବୁ କରନ୍ତି ତାଙ୍କୁ ନମସ୍କାର।
ହାତ ଧରି ସେ ଶିଖାଇ ଅକ୍ଷର
କରନ୍ତି ଆମକୁ ସ୍ୱାକ୍ଷର।
ସରଳ ଜୀବନ ଅଟଇ ତାଙ୍କର
ବାଛ ବିଚାର ନ ଥାଏ ମନର।
ବିଦ୍ୟାଳୟ ଏକ ମନ୍ଦିର
ଗୁରୁ ହିଁ ସେଇଟି ଈଶ୍ୱର।
ସରଗଠୁ ବଳି ତାଙ୍କରି ବର
ତାଙ୍କରି ବିଚାର ସବୁଠି ସୁନ୍ଦର।
ତାଙ୍କର ସ୍ଥାନ ସବୁଠୁ ଉଚ୍ଚରେ
ପ୍ରଭାତେ ସଂଧ୍ୟା ପୂଜା କର।
***-ରୋହିତ କୁମାର ମଳିକ***
*ଅଣ୍ଡରାଇ, ବୋଡ଼କ, ଭଦ୍ରକ*

### ସବୁଠୁ ମହାନ୍ ପରା

ଦିଗହରା ପକ୍ଷୀ ଯାଏ ନିଜ ବାସ
ପଥ ପଦର୍ଶକ ବଳେ,
ନ ବୁଡ଼ି ଚାଲିବ ଗୁରୁଙ୍କ ପରଶେ
ନିର୍ଭୟରେ ତୁମେ ଜଳେ।
ଅମା ଅନ୍ଧକାରେ ଆଲୋକର ଉତ୍ସ
ଜଗତରେ ସିଏ ଜାଣ,
ଜୀବନରେ ସିଏ ସ୍ୱୟଂ ଭଗବାନ
ନର ବୋଲି କାହିଁ ମଣ।
ତାଙ୍କୁ ସିନା ଜଣା କେତେ ଯେ ଘଷିଲେ
ଚକଚକ୍ ହେବ ହୀରା,
ଗୁରୁଙ୍କର ସ୍ଥାନ ଆକାଶଠୁ ଉଚ୍ଚେ
ସବୁଠୁ ମହାନ୍ ପରା।
***-ଲକ୍ଷ୍ମୀଧର ନାୟକ***
*ବାଉଁଶିଆପଡା, ନୟାଗଡ଼*

### ହୋଇବା ଆମେ ସାକ୍ଷର

ଶିକ୍ଷା ସିନା ଆମ ଅଟଇ ଜୀବନ
ଭରଇ ନୂଆ ପୁଲକ
ନରକ କୁଣ୍ଡରୁ ବାହାରକୁ ଆଣି
ଦେଖାଏ ନୂଆ ଆଲୋକ।
ସେହି ଆଲୋକରେ ଆଲୋକିତ ହୁଏ
ଜୀବନର ଗତି ପଥ
ସେ ଗତି ପଥରେ ପୁରି ରହିଥାଏ
ଶକଳ ଶକ୍ତିର ହିତ।
ପାଠ ପଢି ଆମେ ସାକ୍ଷର ନ ହେଲେ
ଅଜ୍ଞାନ ରହିବା ନିତି
ଭବିଷ୍ୟତ ଆମ ହୋଇବ ଅନ୍ଧାର
ଜଳିବନି ଜ୍ଞାନ ବତୀ।
ଶିକ୍ଷା ସାକ୍ଷରତା ରଖି ସମତା
ଦେଶ ଓ ଜାତିର ମାନ
ବିଶ୍ୱ ସାକ୍ଷରତା ଦିବସରେ
ଆଜି ଦେବାରେ ଶିକ୍ଷାରେ ଧ୍ୟାନ।
**- ବାମଦେବ ବେହେରା,**
ବିଲିପଡ଼ା, ପିପିଲି, ପୁରୀ

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ସବୁଠୁ ବଡ଼ ପାଟି

ପିଲାମାନେ ତୁମେ ଜାଣିଛ କି ଜଣେ ନିଜ ପାଟି ପାଇଁ ବି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିପାରେ। ଏମିତି ଏକ ରେକର୍ଡ କରିଛନ୍ତି ଆମେରିକାର ସାମନ୍ଥା ରାମ୍ସଡେଲ୍। ୩୧ ବର୍ଷୀୟ ସାମନ୍ଥାଙ୍କର ସବୁଠୁ ବଡ଼ ପାଟିଥିବା ପ୍ରମାଣ ମିଳିଛି। ତାଙ୍କ ପାଟି ୨.୫୬ ଇଞ୍ଚର ହୋଇଥିବାବେଳେ ତାହା ୪ ଇଞ୍ଚ ପର୍ଯ୍ୟନ୍ତ ଖୋଲିପାରେ। ଏତେ ବଡ଼ ପାଟି ଥିବାରୁ ପ୍ରଥମେ ଲୋକେ ତାଙ୍କୁ ଥଟ୍ଟା କରୁଥିଲେ। କିନ୍ତୁ ଏବେ ସେ ଏଥିପାଇଁ ରେକର୍ଡ କରି ଗର୍ବିତ ହୋଇ ପାରିଛନ୍ତି।






ସୋନିସ୍ମିତା ମିଶ୍ର
କ୍ଲାସ-୮, ଏଟିବିଏନ୍ ହାଇସ୍କୁଲ, ଆଳିଶ୍ରୀ ଶାସନ, ଖୋର୍ଦ୍ଧା







ସ୍ୱୟଂ ଶୁଭଦର୍ଶନ
କ୍ଲାସ-୮, ସେଣ୍ଟ ଜାଭିୟର ହାଇସ୍କୁଲ, ସତ୍ୟନଗର, ଭୁବନେଶ୍ୱର



ତ୍ରିନାଥ ନନ୍ଦୀ
କ୍ଲାସ-୧୦, ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, ଜଳେଶ୍ୱର, ବାଲେଶ୍ୱର








ଅନନ୍ୟା ପ୍ରିୟଦର୍ଶିନୀ ପାଣିଗ୍ରାହୀ
କ୍ଲାସ- ୩, କ୍ରିଷ୍ଣା ପବ୍ଲିକ ସ୍କୁଲ, କୋମନା, ନୂଆପଡ଼ା

## ଟଗଲା ଭୀମୁ



## ସଂକ୍ଷେପରେ

### ବସ୍ତି ଉଚ୍ଛେଦ ନ କରିବା ପାଇଁ ରେଳ ପ୍ରବନ୍ଧକଙ୍କୁ ଦାବିପତ୍ର

**ଜଟଣୀ,୩।୯(ଡି.ଏନ୍.ଏ.):** ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳପ୍ରଶାସନ ପକ୍ଷରୁ ଜଟଣୀର ବିଭିନ୍ନ ରେଲୱେ ଅଞ୍ଚଳରେ ଥିବା ବସ୍ତି ଉଚ୍ଛେଦ ପାଇଁ ନୋଟିସ ଜରାଯାଇଥିବା ଜଣାପଡ଼ିଛି। ବର୍ଷା ଓ କରୋନା ପାଇଁ ବସ୍ତିବାସସିନ୍ଦାଙ୍କୁ ଆଉ କିଛିଦିନ ମହଲତ ଦେବା ସହ ଏହି ଉଚ୍ଛେଦ ପ୍ରକ୍ରିୟାକୁ ବନ୍ଦ ରଖିବା ପାଇଁ ବିଧାୟକ ସୁରେଶ କୁମାର ରାଉତରାୟ ଖୋର୍ଦ୍ଧାରୋଡ ରେଳ ପ୍ରବନ୍ଧକଙ୍କୁ ଏକ ପତ୍ର ଦେଇଛନ୍ତି। କଂଗ୍ରେସ ନଗର ସଭାପତି ଅଶୋକ ମଙ୍ଗରାଜଙ୍କ ନେତୃତ୍ୱରେ ସୁଲୁ ରଥ, ଦିଲ୍ଲୀପ ପ୍ରଧାନଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ରେଳମଣ୍ଡଳ କାର୍ଯ୍ୟାଳୟରେ ପ୍ରବନ୍ଧକଙ୍କୁ ଭେଟି ଏହି ପତ୍ର ପ୍ରଦାନ କରିଛନ୍ତି। ଜଟଣୀ ଅଞ୍ଚଳର ଶତାଧିକ ବସ୍ତିବାସିନ୍ଦା ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ସରକାରୀ ଯୋଜନା ଏମାନଙ୍କ ଲାଗି ସାତସପନ ହୋଇପଡ଼ିଛି। ନିର୍ବାଚନ ସମୟ ଆସିଲେ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀମାନେ ବସ୍ତିବାସିନ୍ଦାଙ୍କୁ ସ୍ଥାୟୀଜମି ଏବଂ ଘର ଯୋଗାଇଦେବ ବିଭିନ୍ନ ସ୍ୱପ୍ନ ଦେଖାଇଥାନ୍ତି ଭୋଟ୍ ପରେ ନେତାଙ୍କ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ରହିଯାଏ ବୋଲି ଅନେକ ବିସ୍ଥାପିତ ବସ୍ତିବାସିନ୍ଦା କହିଛନ୍ତି।

### ମାନସଙ୍କ ଧର୍ମ ବିରୋଧୀ କାର୍ଯ୍ୟକୁ ବିରୋଧ କରାଯିବ

**ଖୋର୍ଦ୍ଧା ଅଫିସ,୩।୯:** ମାନବବାଦ ସଙ୍ଗଠନ ଆଳରେ ତାଲିବାନ ଶାସନ ଚଳାଇଥିବା ମାନସ ଦାସଙ୍କ ଗିରଫ ପରେ ଗୋଟିଏ ପରେ ଗୋଟିଏ ଗୁମର ଖୋଲିବାରେ ଲାଗିଛି। ସଙ୍ଗଠନର ମିଶିବା ନେଇ ଶପଥପାଠରେ ରହିଥିବା ଧର୍ମ ବିରୋଧି କାର୍ଯ୍ୟକୁ ନେଇ ବିଶ୍ୱ ହିନ୍ଦୁ ପରିଷଦ, ହିନ୍ଦୁ ଜାଗରଣ ମଞ୍ଚଙ୍କ ସମେତ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଅସନ୍ତୋଷ ପ୍ରକାଶ କରିଛନ୍ତି। ଭାରତର ପରିଚୟ ଏହାର ସଂସ୍କୃତି, ପରମ୍ପରା। ଆର୍ଯ୍ୟ ସଂସ୍କୃତି ବହୁ ପ୍ରାଚୀନ। ଆର୍ଯ୍ୟ ଏବଂ ଦ୍ରାବିଡ ସଂସ୍କୃତି ଆଳରେ ମାନସ ସମାଜରେ ଧର୍ମ ବିରୋଧି ଏବଂ ବିଦ୍ୱେଷ ଭାବ ସୃଷ୍ଟି କରୁଛନ୍ତି। ସଙ୍ଗଠନ ଆଳରେ ଭାରତୀୟ ସଂସ୍କୃତି ବିରୋଧି କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି ହିନ୍ଦୁ ଜାଗରଣ ମଞ୍ଚ ଉତ୍କଳ ପ୍ରାନ୍ତ ସଙ୍ଗଠନ ପକ୍ଷରୁ କୁହାଯାଇଛି।

### ହକରଙ୍କଠାରୁ ଝାମ୍ପିନେଲେ ମୋବାଇଲ ଫୋନ

**ପୁରୁଣା ଭୁବନେଶ୍ୱର,୩।୯(ଡି.ଏନ୍.ଏ.):** ଲିଙ୍ଗରାଜ ଥାନା ଅଞ୍ଚଳରେ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଶୁକ୍ରବାର ରବିଟକିଜ୍ ଛକ ନିକଟରୁ ଦୁଇଜଣ ଦୁର୍ବୃତ୍ତ ପେପର ହକର ପବିତ୍ର ମୋହନ ପୃଷ୍ଟିଙ୍କ ମୋବାଇଲ ଫୋନ ଝାମ୍ପିନେଇ ଫେରାର ହୋଇଯାଇଛନ୍ତି। ସୂଚନା ମୁତାବକ, ପୂର୍ବାହ୍ନ ୮ଟାରେ ପବିତ୍ର ପେପର ଦେଉଥିବାବେଳେ ଦୁଇଜଣ ଲୁଟେରା ବାଇକ୍‌ରେ ଆସି ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ପେପର ଅଛିକି ବୋଲି ପଚାରିବା ପରେ କେଉଁ ପେପର ନେବ ବୋଲି ପବିତ୍ର ପଚାରିଥିଲେ। ଅନ୍ୟମନସ୍କତାରୁ ଲୁଟେରା ଜଣକ ପବିତ୍ରଙ୍କ ଶାର୍ଟ ପକେଟରେ ମୋବାଇଲ ଫୋନକୁ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ମୋବାଇଲର ମୂଲ୍ୟ ପ୍ରାୟ ୧୧ହଜାର ଟଙ୍କା ବୋଲି ପବିତ୍ର କହିଛନ୍ତି।

### ଭକ୍ତିଭାବର ଅପୂର୍ବ ସମନ୍ୱୟ ଥିଲେ ଅରବିନ୍ଦ

ଭୁବନେଶ୍ୱର, ୩।୯ (ବ୍ୟୁରୋ)- ସାଂସ୍କୃତିକ ଅନୁଷ୍ଠାନ ଅରବିନ୍ଦ ମୁଦୁଲି ଫାଉଣ୍ଡେଶନ ଆନୁକୂଲ୍ୟରେ କଣ୍ଠଶିଳ୍ପୀ ସ୍ୱର୍ଗତ ଅରବିନ୍ଦ ମୁଦୁଲିଙ୍କ ୫୯ତମ ଜୟନ୍ତୀ ଭର୍ଚୁଆଲରେ ଅନୁଷ୍ଠିତ ହୋଇଛି। ବରିଷ୍ଠ ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ସ୍ୱରାରବିନ୍ଦ ଅରବିନ୍ଦ ଥିଲେ ଓଡ଼ିଆ ଭଜନ, ଜଣାଣ ତଥା ଭକ୍ତିଭାବର ଅପୂର୍ବ ସମନ୍ୱୟ। ସଙ୍ଗୀତ ମାଧମରେ ଓଡ଼ିଶାର କଳା ସଂସ୍କୃତିକୁ ଦେଶ ବିଦେଶରେ ପରିଚିତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପାଟ୍ଟଶାଣୀ, ସଂସ୍କୃତି ବିଶାରଦ ପଦ୍ମଶ୍ରୀ ଡ. ରଜତ କର, ବରିଷ୍ଠ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, କବି ତଥା ପ୍ରଶାସକ ଶରତ ଦାଶ, ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡ. ସମ୍ବିତ ପାତ୍ର ପ୍ରମୁଖ ଅରବିନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରି ତାଙ୍କ ସଙ୍ଗୀତ-ସମର୍ପଣ ଚେତନାକୁ ସ୍ମରଣ କରିଥିଲେ। ପରେ କଣ୍ଠଶିଳ୍ପୀ ସଙ୍ଗୀତା ମୁଦୁଲି, ସୁଧାଂଶୁ ଶେଖର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ ଓ ଆଶ୍ରିତା ଚୌଧୁରୀ ଅଭୁଲା ଅରବିନ୍ଦ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଫାଉଣ୍ଡେଶନର ମ୍ୟାନେଜିଂ ଟ୍ରଷ୍ଟି କୃପାସିନ୍ଧୁ ମୁଦୁଲି ଧନ୍ୟବାଦ ଦେଇଥିଲେ।

# ଜରାଜୀର୍ଣ୍ଣ ହୋଇପଡ଼ିଛି ଶିଶୁ ଉଦ୍ୟାନ

**ନିମାପଡ଼ା,୩।୯(ଡି.ଏନ୍.ଏ.)**

- ୨ବର୍ଷ ହେଲା ତାଲା ଝୁଲୁଛି
- ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନି


ମୁକ୍ତାକାଶ ରଙ୍ଗମଞ୍ଚ ଓ ଶହୀଦ ଭବନ ନିକଟରେ ରହିଥିବା ଶିଶୁ ଉଦ୍ୟାନ।

ନିମାପଡ଼ା ଏନ୍‌ଏସି ପକ୍ଷରୁ ଶିଶୁମାନଙ୍କ ମନୋରଞ୍ଜନ, ଖେଳକୁଦ, ଆମୋଦପ୍ରମୋଦ ଲକ୍ଷ୍ୟ ନେଇ ସ୍ଥାନୀୟ ମୁକ୍ତାକାଶ ରଙ୍ଗମଞ୍ଚ ଓ ଶହୀଦ ଭବନ ନିକଟରେ ଏକ ଶିଶୁ ଉଦ୍ୟାନ ନିର୍ମାଣ ହୋଇଛି। ୪୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଅତି ସଂକୀର୍ଣ୍ଣ, ଅନୁପଯୋଗୀ ଜାଗାରେ ଏହି ପାର୍କଟି ନିର୍ମାଣ କରାଯାଇଛି। ଗତ ୨୩।୧।୨୦୧୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଶିଶୁ ଉଦ୍ୟାନର ଭିତ୍ତିପ୍ରସ୍ତର, ଶିଳାନ୍ୟାସ କରିଥିବାବେଳେ ନିର୍ମାଣ କରିବାକୁ ୪ବର୍ଷ ଲାଗିଥିଲା। ନିର୍ମାଣ ପରେ ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ୩୧।୮।୧୮ରେ ଉଦ୍‌ଘାଟନ କରି ଲୋକାର୍ପିତ କରିଥିଲେ। ହେଲେ ଗତ ଫନୀ ବାତ୍ୟାରେ ଏହି ଶିଶୁ ଉଦ୍ୟାନଟି ଭାଙ୍ଗିରୁଜି ଯାଇଥିଲା। ଫନୀ ଯିବାର ୨ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଏବେସୁଦ୍ଧା ପୁନରୁଦ୍ଧାର ହୋଇପାରି ନାହିଁ। ମରାମତି ନ ହେବାରୁ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ଉଦ୍ୟାନଟି ନିଜ ସତ୍ତା ହରାଇବା ସହ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ପାର୍କକୁ ଆକର୍ଷଣୀୟ କରିବା ପାଇଁ ଏହାର ପରିସରରେ ଲାଗିଥିବା ୪୦ଟି ବିଦ୍ୟୁତ୍‌ଖୁଣ୍ଟ ଲାଇଟ୍ ଭାଙ୍ଗିଯାଇଥିବା ବେଳେ ପାର୍କକୁ ଯାତାୟାତ ପାଇଁ ମୁଖ୍ୟରାସ୍ତାରେ ପଡ଼ିଥିବା ଟାଇଲଗୁଡ଼ିକ ଅଧିକାଂଶ ଭାଙ୍ଗିରୁଜି ଯାଇଛି। ଏଥିସହ ଶିଶୁମାନଙ୍କୁ ଆକୃଷ୍ଟ କରିବା ପାଇଁ ପାର୍କରେ ଥିବା ସଖି, କଣ୍ଢେଇ, ଖେଳଣା, ବିଭିନ୍ନ ମୂର୍ତ୍ତି ସବୁ ଭାଙ୍ଗି ନଷ୍ଟ ହୋଇଯାଇଛି। ହେଲେ ଏ ଦିଗରେ ଏନ୍‌ଏସି କର୍ତ୍ତୃପକ୍ଷ, ରାଜନେତାଙ୍କ ଦୃଷ୍ଟି ପଡୁନାହିଁ। ଫଳରେ ଏନ୍‌ଏସିବାସୀ ଓ ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ, କ୍ଷୋଭ ଦେଖାଦେଇଛି।

ଧୀରେ ଧୀରେ ପାର୍କଟି ଶୋଭା ହରାଉଥିବାବେଳେ ପରେ ମହାମାରୀ କରୋନା ଆସିଯିବାରୁ ସେହି ଆଳରେ ୨ବର୍ଷ ହେଲା ଉଦ୍ୟାନଟିରେ ତାଲା ଝୁଲାଇ ଦିଆଯାଇଛି। ଏବେ ନିମାପଡ଼ା ବ୍ଲକର ୩୨ ପଞ୍ଚାୟତରେ ସରକାରୀ ଅନୁଦାନରେ ଅତ୍ୟାଧୁନିକ ଗ୍ରାମୀଣ ଉଦ୍ୟାନ(ରୁରାଲ ପାର୍କ) ନିର୍ମାଣ କରାଯାଉଥିବାବେଳେ ନିମାପଡ଼ା ଏନ୍‌ଏସି ମଧ୍ୟରେ ଥିବା ଏକମାତ୍ର ଏହି ଶିଶୁ ଉଦ୍ୟାନଟି ଏଭଳି ଶୋଚନୀୟ ଅବସ୍ଥା ପଡ଼ିରହିବା ଦୁଃଖର ବିଷୟ ବୋଲି ବହୁ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। ତେବେ ଏହି ଶିଶୁ ଉଦ୍ୟାନଟି କେବେ ପୁନରୁଦ୍ଧାର ହେବ, ପୂର୍ବସ୍ଥିତି ଫେରିବ, ଶିଶୁମାନେ ପୁଣି କେବେ ଖେଳିବେ, ତାଲା କେବେ ଖୋଲିବ ନେଇ ଏନ୍‌ଏସିବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶିଶୁମାନେ ଘରେ ରହି ବିରକ୍ତି ପ୍ରକାଶ କରୁଥିବାରୁ ପ୍ରଶାସନ ଏହି ପାର୍କ ପ୍ରତି ଦୃଷ୍ଟି ଦେଇ ମରାମତି କରିବା ସହ ତୁରନ୍ତ ଖୋଲିବାକୁ ଦାବି ହେଉଛି। ଏପରିକି ପାର୍କର ପୁନରୁଦ୍ଧାର କରାଯାଇ କାର୍ଯ୍ୟକ୍ଷମ କରିବା ଦିଗରେ ପଦକ୍ଷେପ ନେବାକୁ ଏନ୍‌ଏସିବାସୀ ପୂର୍ଣ୍ଣଚନ୍ଦ୍ର ସାହୁ, ରାମଚନ୍ଦ୍ର ସାହୁ, ବାସୁଦେବ ପ୍ରଧାନ, ମନ୍ଦାକିନୀ ସ୍ୱାଇଁ, ଝରଣା ଦାସ, ତପସ୍ୱିନୀ ସ୍ୱାଇଁ, ଗୁରୁଲତା ପ୍ରଧାନ ପ୍ରମୁଖ ଗଣଶିକ୍ଷା ମନ୍ତ୍ରୀ, ପୁରୀ ଜିଲାପାଳ, ଅତିରିକ୍ତ ଜିଲାପାଳ, ନଗର ଉନ୍ନୟନ ବିଭାଗ ସଚିବଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି। ଏ ସମ୍ପର୍କରେ ନିମାପଡ଼ା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଏମ୍.ଶ୍ରୀନିବାସ କହିଛନ୍ତି, ଉକ୍ତ ଶିଶୁ ଉଦ୍ୟାନଟିର ପୁନରୁଦ୍ଧାର କାର୍ଯ୍ୟ ପାଇଁ ୭ଲକ୍ଷ ଟଙ୍କାର ଟେଣ୍ଡର କରାଯାଇଛି। ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନଭିତ୍ତିରେ କରାଯିବ ଓ ଶିଶୁମାନଙ୍କ ମନୋରଞ୍ଜନ ଲାଗି ବିଭିନ୍ନ ସାମଗ୍ରୀ କ୍ରୟ କରାଯାଇଛି। ଖୁବ୍‌ଶୀଘ୍ର ପାର୍କ ଖୋଲାଯାଇ କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି।

## ବିଭିନ୍ନ ଦାବିରେ ବ୍ଲକ ଅଫିସ ଆଗରେ ଧାରଣା


ବୋଲଗଡ଼ ବ୍ଲକ ଅଫିସ ଆଗରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଗଣଧାରଣା ଦିଆଯାଇଛି।

**ବୋଲଗଡ଼,୩।୯(ଡି.ଏନ୍.ଏ.)**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ବୋଲଗଡ଼ ଜୋନ କମିଟି ପକ୍ଷରୁ ୮ଦଫା ଦାବିରେ ଶୁକ୍ରବାର ବୋଲଗଡ଼ ବ୍ଲକ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି। ୩ କୃଷି ଆଇନ ବାତିଲ, କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସପୋର୍ଟ ପ୍ରାଇସ ପ୍ରଦାନ, କୃଷିଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟାୟନ କରି କ୍ରୟ, ଚାଷଜମିକୁ ଉଠାଜଳସେଚନ ଯୋଜନାରେ ଜଳଯୋଗାଣ, ବ୍ଲକର ସମସ୍ତ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ଅନ୍ତର୍ଭୁକ୍ତ, ଭୂମିହୀନଙ୍କ ଦଖଲରେ ଥିବା ଜମିର ପଟ୍ଟା ପ୍ରଦାନ କରିବା, ପାନୀୟ ଜଳଯୋଗାଣ ଏବଂ ସଅର, ଶବର, ସଉରା ଆଦି ଜାତିର ଅଧିବାସୀଙ୍କୁ ଆଦିବାସୀ ମାନ୍ୟତା ଆଦି ଦାବି ଅନ୍ତର୍ଭୁକ୍ତ। ଏଥିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଖୋର୍ଦ୍ଧ ଜିଲା କାର୍ଯ୍ୟକାରୀ କମିଟି ସଭ୍ୟ ଅମିୟ ପଟ୍ଟନାୟକଙ୍କ ନେତୃତ୍ୱରେ ବେଗୁନିଆ ଜୋନ ସଭାପତି ଲକ୍ଷ୍ମଣ ସେଠୀ, ଶିକ୍ଷକ ନେତା ଦିବାକର ପରମଗୁରୁ, ଖୋର୍ଦ୍ଧା ଜିଲା ଆଦିବାସୀ ମହାସଂଘ ସଭାପତି ଗଗନ ନାୟକ, ଅଜୟ ମଙ୍ଗରାଜ, ପ୍ରଦୀପ ବାରିକ ପ୍ରମୁଖ ଧାରଣାରେ ଉପସ୍ଥିତ ଥିଲେ।

## ଗାଡ଼ି ଧକ୍କାରେ ଶିକ୍ଷକ ମୃତ

**ଖୋର୍ଦ୍ଧା ଅଫିସ,୩।୯**

ଖୋର୍ଦ୍ଧାର ପଲ୍ଲା ତୋଟାପଡା ଛକରେ ଜାତୀୟ ରାଜପଥ ପାର ହେଉଥିବା ବେଳେ ଶୁକ୍ରବାର ଗାଡ଼ି ଧକ୍କାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେଣାପଞ୍ଜରୀର ମହମ୍ମଦ ତସଲ୍ଲିମ। ସେ ପଲ୍ଲା ତୋଟାପଡା ସ୍କୁଲରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ଟାଉନ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଶୁକ୍ରବାର ଅପରାହ୍ନରେ ଶିକ୍ଷକ ତସଲ୍ଲିମ ବିଦ୍ୟାଳୟ କାମ ସାରି ବାଇକ୍‌ରେ ଘରକୁ ଯାଉଥିଲେ। ଛକରୁ ଜାତୀୟ ରାଜପଥ ଉପରକୁ ଉଠୁଥିବା ବେଳେ ଏକ ଗାଡି ତାଙ୍କୁ ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ବାଇକରୁ ଛିଟିକି ସେ ଗୁରୁତର ଆହତ ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପୋଖରୀରୁ ମାଛଧରାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ

**କୃଷ୍ଣପ୍ରସାଦ,୩।୯(ଡି.ଏନ୍.ଏ.)**

**୪ ଗୁରୁତର ଆହତ**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଝାରକଟା ଗ୍ରାମରେ ଗାଁ ପୋଖରୀରେ ମାଛ ଧରାକୁ କେନ୍ଦ୍ରକରି ଶୁକ୍ରବାର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସିତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ପୋଖରୀରୁ ମାଛ ଧରିବା ପାଇଁ ଗ୍ରାମର ସାନସାହି ଏବଂ ବଡସାହିଙ୍କ ମଧ୍ୟରେ ବିବାଦ ହୋଇଥିଲା। ପୋଖରୀରୁ ମାଛ ଧରିଲେ ପୋଖରୀ ପାଣି ଗୋଳିଆ ହେବ, ଲୋକମାନଙ୍କର ଅସୁବିଧା ହେବ ଦର୍ଶାଇ ସାନସାହି ଲୋକମାନେ ମାଛଧରାକୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ପ୍ରଥମେ ବଚସା ପରେ ସଂଘର୍ଷ ହୋଇଥିଲା। ଏଥିରେ ଜୟନ୍ତୀ ପଲେଇ, ରଞ୍ଜନ ପଲେଇ, ମହେନ୍ଦ୍ର ପଲେଇ, ଦ୍ୱିଜବର ପଲେଇ ଆହାତ ହୋଇଥିଲେ। ଖବରପାଇ କୃଷ୍ଣପ୍ରସାଦ ପୋଲିସ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରିଥିବା ବେଳେ ଗ୍ରାମରେ ଉତ୍ତେଜନା ଲାଗିରହିଛି। ଘଟଣାସ୍ଥଳରେ ପୁରୀ ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ ପହଞ୍ଚି ଘଟଣାରେ ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ଥାନାରେ ସାନସାହି ପକ୍ଷରୁ ଲିଖିତ ଅଭିଯୋଗ ହୋଇଥିବା ଆଇଆଇସି ଦିଲ୍ଲୀପ ସ୍ୱାଇଁ କହିଛନ୍ତି।

## ଧର୍ମପରାୟଣା ମହିଳାଙ୍କ ପରଲୋକ

**ଜଟଣୀ,୩।୯(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଷଣ୍ଡପୁର ଗ୍ରାମର ବିଶିଷ୍ଟ ସଂକୀର୍ତ୍ତନ ଗୁରୁ ଜଗବନ୍ଧୁ ରାଉତଙ୍କ ସହଧର୍ମିଣୀ ପୁଷ୍ପମଞ୍ଜରୀ ରାଉତ(୭୦)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣା, ପରୋପକାରୀ ମହିଳା ଥିଲେ। ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ଅନନ୍ତ ଶତପଥୀ, ଅବନୀ ରାଉତରାୟ, ବିଜୟ ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ପୁରୀରେ ସେରୋ ସର୍ଭେ ଆରମ୍ଭ

**ପୁରୀ ଅଫିସ,୩।୯**


ସ୍ୱାସ୍ଥ୍ୟକର୍ମୀ ଜଣେ ବ୍ୟକ୍ତିଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରୁଛନ୍ତି।

**ପରୀକ୍ଷା ପାଇଁ ୫ଶହ ନମୁନା ଯିବ ଆର୍‌ଏମ୍‌ଆର୍‌ସି**

କୋଭିଡ୍‌ର ସମ୍ଭାବ୍ୟ ତୃତୀୟ ଲହରକୁ ଦୃଷ୍ଟିରେ ରଖି ଶୁକ୍ରବାରଠାରୁ ପୁରୀ ଜିଲାରେ ସେରୋଲୋଜିକାଲ ସର୍ଭେ ଆରମ୍ଭ ହୋଇଛି। କେତେ ପ୍ରତିଶତ ଜିଲାବାସୀଙ୍କ ମଧ୍ୟରେ କରୋନା ସହ ଲଢ଼ିବା ପାଇଁ ରୋଗ ପ୍ରତିରୋଧକ ଶକ୍ତି ତଥା ଆଣ୍ଟିବଡ଼ି ବିକଶିତ ହୋଇ ସାରିଲାଣି ତାହା ଜାଣିବା ଲାଗି ଏହି ସର୍ଭେ କରାଯାଉଛି। ତିନି ଦିନ ଧରି ଏହି ସର୍ଭେ ଚାଲିବ। ଭୁବନେଶ୍ୱରସ୍ଥିତ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର (ଆର୍‌ଏମ୍‌ଆର୍‌ସି) ପକ୍ଷରୁ ସର୍ଭେ କରାଯାଉଛି। ପ୍ରଥମ ଦିନରେ ପୁରୀ ପୌରପାଳିକା ଅଧୀନ ୮, ୨୦ ଓ ୨୯ ନମ୍ବର ୱାର୍ଡର କେତେଜଣ ବ୍ୟକ୍ତିଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇଛି। ଶନିବାର କୃଷ୍ଣପ୍ରସାଦର ସାତପଡ଼ା, ବ୍ରହ୍ମଗିରିର କପିଳେଶ୍ୱରପୁର, ସତ୍ୟବାଦୀର ବଳପୁର, ଗୋପର ଏରବଙ୍ଗ ଅଞ୍ଚଳରେ ରକ୍ତନମୁନା ସଂଗ୍ରହ କରାଯିବ। ରବିବାର କାକଟପୁରର ସୁହାନପୁର, ଡେଲାଙ୍ଗର ବେରବୋଇ ଓ ନିମାପଡ଼ାର ବଡ଼ମାଛପୁର ପଞ୍ଚାୟତରେ ସର୍ଭେ କରାଯାଇ ରକ୍ତ ନମୁନା ସଂଗ୍ରହ କରାଯିବ। ସେହିଭଳି ଶନିବାର ଶହେ ଜଣ ସ୍ୱାସ୍ଥ୍ୟକର୍ମୀ, ଡାକ୍ତର ଓ ହସ୍ପିଟାଲ୍ କର୍ମଚାରୀଙ୍କର ରକ୍ତ ନମୁନା ସଂଗ୍ରହ ହେବ। ନୋଡାଲ୍ ଅଫିସର ଦାୟିତ୍ୱରେ ଥିବା ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ବିରଜା ଶଙ୍କର ରଥ କହିଛନ୍ତି, ବିଭିନ୍ନ ବର୍ଗର ଲୋକଙ୍କ ଠାରୁ ୫ଶହ ରକ୍ତ ନମୁନା ସଂଗ୍ରହ ପାଇଁ ଯୋଜନା ରଖାଯାଇଛି। ଲୋକଙ୍କ ଶରୀରରେ ଆଣ୍ଟିବଡିର ମାତ୍ରା ଜାଣିବା ପାଇଁ ଜିଲାର ବିଭିନ୍ନ ସ୍ଥାନକୁ ଯୋଜନାବଦ୍ଧ ଭାବେ ସାମିଲ କରାଯାଇଛି। ଜିଲାରେ ସଂକ୍ରମଣର ମାତ୍ରା ଏବେ ଖୁବ୍ କମ୍ ରହିଥିଲେ ବି ଆଗାମୀ ଦିନରେ ସଂକ୍ରମଣ ଆଶଙ୍କାକୁ ଏଡାଇ ଦିଆଯାଇପାରିବ ନାହିଁ। ସର୍ଭେ ସରିବା ପରେ ରିପୋର୍ଟ ଆର୍‌ଏମ୍‌ଆର୍‌ସିକୁ ଯିବ। ରକ୍ତନମୁନା ପରୀକ୍ଷା ପରେ ପୁରୀ ଜିଲାରେ କେତେ ପ୍ରତିଶତ ବ୍ୟକ୍ତିଙ୍କ ଶରୀରରେ ଆଣ୍ଟିବଡ଼ି ବିକଶିତ ହୋଇସାରିଛି ତାହା ସ୍ପଷ୍ଟ ଜଣାପଡ଼ିବ। ସେହିଭଳି ଆଇନଜୀବୀ ତଥା ସାମାଜିକ କର୍ମୀ ଭଗବାନ ପଢ଼ିହାରୀ କହିଛନ୍ତି, ପୁରୀକୁ ଶ୍ରଦ୍ଧାଳୁଙ୍କ ଆଗମନ ସଂଖ୍ୟା ବଢିଥିବାରୁ ସେରୋ ସର୍ଭେ ନିହାତି ଆବଶ୍ୟକ ଥିଲା। ଏବେ ସଂକ୍ରମଣର ମାତ୍ରା କମ୍ ଥିବାରୁ ଆଣ୍ଟିବଡ଼ି ପ୍ରତିଶତ ଜାଣିବାର ଏହା ପ୍ରକୃଷ୍ଟ ସମୟ ବୋଲି କୁହାଯାଇପାରିବ। ଆଗାମୀ ଦିନରେ ପୁରୀରେ କଟକଣା ଲାଗୁ ନେଇ ନିର୍ଦ୍ଦେଶନାମା ଜାରି କରିବା କ୍ଷେତ୍ରରେ ମଧ୍ୟ ସେରୋ ସର୍ଭେ ସହାୟକ ହେବ। ଅନ୍ୟପକ୍ଷରେ ପୁରୀ ସହରର ୩ଟି ୱାର୍ଡରେ ଶୁକ୍ରବାର ସେରୋ ସର୍ଭେ ସମୟରେ ଆର୍‌ଏମ୍‌ଆର୍‌ସିର ଡାକ୍ତରୀ ଟିମ୍ ଓ ସ୍ୱାସ୍ଥ୍ୟକର୍ମୀମାନେ ରକ୍ତ ନମୁନା ସଂଗ୍ରହ କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ବିରଜା ଶଙ୍କର ରଥ, ଆର୍‌ଏମ୍‌ଆର୍‌ସି ପକ୍ଷରୁ ଡାକ୍ତର ଦେବବ୍ରତ ଆଚାର୍ଯ୍ୟ, ଶ୍ରୀକାନ୍ତ କାନୁନ୍‌ଗୋ, ହରିରାମ ଚୌଧୁରୀ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ଆଶା ସଂଯୋଜକ ଅଶୋକ ସାହୁ, ଏପିଏମ୍ ସନ୍ତୋଷ କୁମାର ଓ ସ୍ୱାସ୍ଥ୍ୟକର୍ମୀମାନେ ଏଥିରେ ସାମିଲ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଜ୍ୟୋତିରଞ୍ଜନ


@ ଚନ୍ଦନ


@ ସୁନୀଲ


@ ଟିକି


@ ଦିଲ୍ଲୁ


@ ବିଶ୍ୱଜିତ୍

## ଡକାୟତି ଯୋଜନା ପଣ୍ଡ, ୬ ଗିରଫ

**ଖୋର୍ଦ୍ଧା ଅଫିସ, ୩।୯**

ଅସୁରକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥରେ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଏନେଇ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ରାତିରେ ଏହି ଜାତୀୟ ରାଜପଥରେ କେତେଜଣ ଦୁର୍ବୃତ୍ତ ଏକ ପରିତ୍ୟକ୍ତ ଘରେ ଡକାୟତି ଯୋଜନା କରୁଥିବା ବେଳେ ଖୋର୍ଦ୍ଧା ଆଦର୍ଶଥାନା ପୋଲିସ ଚଢ଼ାଉ କରିଥିଲା। ଦୁର୍ବୃତ୍ତମାନେ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ସେମାନଙ୍କୁ ମାଡ଼ି ବସିଥିଲା। ଏହି ଘଟଣାରେ ପୋଲିସ ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତରତୁଆ ଗାଁର ଅବଦୁଲ ମାଜିଦ ଖାନ୍ ଓରଫ ବବୁଲ ଓ କଲିମ ଖାନ୍ ଓରଫ ରାଜୁ, ନାଳିପଡା ଅର୍ଜୁନପୁରର ଦୀପକ ସ୍ୱାଇଁ ଓରଫ୍ ତପନ, ଗୁରୁଜଙ୍ଗ ଆଦିବାସୀ ସାହିର ସୁଦିପ୍ତ ନାୟକ ଓରଫ୍ ସିପା, ଗୁରୁଜଙ୍ଗ ଦ୍ୱାରିକା ନଗରର ବଳଭଦ୍ର ବେହେରା ଓରଫ୍ ବଲିଆ ଏବଂ ରଞ୍ଜନ ସୁନ୍ଦରାୟ ଓରଫ୍ ବାବି। ଏମାନଙ୍କ ନିକଟରୁ ଖଣ୍ଡା, ଭୁଜାଲି, ଛୁରି, ଲୁହାରଡ, ଲାଠି ଏବଂ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି। ତରତୁଆ ୟୁ.ପି ସ୍କୁଲ ପଛପଟ ଏକ ପରିତ୍ୟକ୍ତ ଘରେ ଦୁର୍ବୃତ୍ତମାନେ ଡକାୟତି ଯୋଜନା କରୁଥିବା ପୋଲିସକୁ ସୂଚନା ମିଳିଥିଲା। ଏସ୍‌ଡିପିଓ ସୁଶିଲ ମିଶ୍ର ଓ ଥାନାଧିକାରୀ ସଞ୍ଜୟ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ବିଜୟ କେତନ ବେହେରାଙ୍କ ସମେତ ଏକ ଟିମ୍ ଚଢ଼ାଉ କରିଥିଲେ। ଏନେଇ ଥାନାରେ ମାମଲା (ନଂ.୩୪୨/୨୧) ରୁଜୁ ହୋଇଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ରହିଥିବା ପୋଲିସ କହିଛି।


ଗିରଫ ୬ ଅଭିଯୁକ୍ତ ଓ ଜବତ ମାରଣାସ୍ତ୍ର।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୩.୦୯.୨୦୨୧

| | |
|---|---|
| ୪,୫୨,୭୮୪ ଟଙ୍କା | |
| ସୁନା | ମିଳି ନାହିଁ |
| ରୁପା | ମିଳି ନାହିଁ |

# ଶ୍ରଦ୍ଧାଳୁଙ୍କ ପାଇଁ ନାହିଁ ସରକାରୀ ଟେଷ୍ଟିଂ ସୁବିଧା

**ପୁରୀ ଅଫିସ,୩।୯:**

ସରକାରୀ ସ୍ତରରେ ସୀମିତ ପରିମାଣର ଆର୍‌ଟି-ପିସିଆର୍ ଟେଷ୍ଟିଂ ସୁବିଧା ହେତୁ ଘରୋଇ ହସ୍ପିଟାଲ୍ ଲାଭବାନ ହେଉଛନ୍ତି। ବିଶେଷକରି ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ସହରକୁ ଆସୁଥିବା ଶ୍ରଦ୍ଧାଳୁମାନେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆର୍‌ଟି-ପିସିଆର୍ ଟେଷ୍ଟିଂ ସୁବିଧା ପାଉ ନାହାନ୍ତି। ଶ୍ରୀମନ୍ଦିରରେ ପ୍ରବେଶ ପାଇଁ ଆର୍‌ଟି-ପିସିଆର୍ ରିପୋର୍ଟ ବାଧ୍ୟତାମୂଳକ ହୋଇ ଥିବାରୁ ଅନେକ ଶ୍ରଦ୍ଧାଳୁ ଘରୋଇ ଡାକ୍ତରଖାନାରେ ପ୍ରାୟ ଏକ ହଜାର ପର୍ଯ୍ୟନ୍ତ ଟଙ୍କା ଦେଇ ଟେଷ୍ଟ କରାଉଛନ୍ତି।



ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଯାଉଥିବା ଭକ୍ତଙ୍କ ଆର୍‌ଟି-ପିସିଆର୍ ରିପୋର୍ଟ ଯାଞ୍ଚ କରାଯାଉଛି ।

ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ଆରମ୍ଭ ହେବା ପରେ ପ୍ରତିଦିନ ହଜାର ହଜାର ଲୋକ ରାଜ୍ୟ ଓ ରାଜ୍ୟ ବାହାରୁ ପୁରୀକୁ ଆସୁଛନ୍ତି। ସମସ୍ତଙ୍କ ପକ୍ଷେ ୯୬ ଘଣ୍ଟା ମଧ୍ୟରେ ନେଗେଟିଭ୍ ରିପୋର୍ଟ ଆଣିବା ସମ୍ଭବ ହୋଇପାରୁନାହିଁ। ରାଜସ୍ଥାନ, ଦିଲ୍ଲୀ, ଜମ୍ମୁ ଓ ଉତ୍ତରାଖଣ୍ଡ ପ୍ରଭୃତି ବାହାର ରାଜ୍ୟର ଲୋକେ ପୁରୀରେ ପହଞ୍ଚି ଆର୍‌ଟି-ପିସିଆର୍ ଟେଷ୍ଟ କରାଇବାକୁ ଚାହୁଁଛନ୍ତି। ମାତ୍ର ଏଥିପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟବସ୍ଥା ନାହିଁ। ତେଣୁ ସେମାନଙ୍କୁ ପ୍ରାୟ ଏକ ହଜାର ଦେଇ ଟେଷ୍ଟ କରାଇବାକୁ ପଡୁଛି। ରାଜସ୍ଥାନରୁ ପୁରୀ ଆସିଥିବା ଟ୍ୱିଙ୍କିଲ୍ ଆରୋରା କହିଛନ୍ତି, ରାଜସ୍ଥାନରେ କେତେକ ମନ୍ଦିରରେ ଦର୍ଶନ ଲାଗି ସରକାରୀ ସ୍ତରରେ ଆର୍‌ଟି-ପିସିଆର୍ ଟେଷ୍ଟିଂ ବ୍ୟବସ୍ଥା କରାଯାଇଛି। ମାତ୍ର ପୁରୀରେ ଏଭଳି ସୁବିଧା ନାହିଁ। ତେଣୁ ଆର୍‌ଟି-ପିସିଆର୍ ରିପୋର୍ଟ ପାଇଁ ଏକ ଘରୋଇ ହସ୍ପିଟାଲକୁ ୮ଶହ ଟଙ୍କା ଦେବାକୁ ପଡ଼ିଲା। ତେବେ ଏ ନେଇ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ପ୍ରଣବ ପ୍ରକାଶ ଦାସ କହିଛନ୍ତି, ରାଜ୍ୟ ସରକାରଙ୍କ ତରଫରୁ ଜିଲାରେ ଦୈନିକ ୨ ହଜାର ଟେଷ୍ଟିଂ ଲାଗି ଅନୁମତି ଥିବାବେଳେ ଏଥିରେ ଉଭୟ ଆଣ୍ଟିଜେନ୍ ଏବଂ ଆର୍‌ଟି-ପିସିଆର୍ ଟେଷ୍ଟ ସାମିଲ ରହିଛି। ଫଳରେ ଦର୍ଶନ ଉଦ୍ଦେଶ୍ୟରେ ଆସୁଥିବା ଯାତ୍ରୀଙ୍କୁ ଟେଷ୍ଟ ପ୍ରକ୍ରିୟାରେ ସାମିଲ କରାଯାଇପାରୁନାହିଁ। ପ୍ରତିଦିନ ଶ୍ରୀମନ୍ଦିରକୁ ଯେତିକି ଲୋକ ରାଜ୍ୟ ବାହାରୁ ଆସୁଛନ୍ତି ସେମାନଙ୍କ ଟେଷ୍ଟ କରାଇଲେ, ରୋଗୀଙ୍କ ଆର୍‌ଟି-ପିସିଆର୍ ଟେଷ୍ଟ କରାଇବାରେ ସମସ୍ୟା ଉପୁଜିବ। କେବଳ କରୋନା ସଂକ୍ରମଣ ଲକ୍ଷଣ ଥିବା କିମ୍ବା କୌଣସି ରୋଗରେ ପୀଡ଼ିତ ହୋଇ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ବ୍ୟକ୍ତିଙ୍କ ଟେଷ୍ଟିଂ କରାଇବା ଉପରେ ପ୍ରଶାସନ ଦୃଷ୍ଟି ଦେଉଛି। ଜିଲା ପ୍ରଶାସନ ନିର୍ଦ୍ଦେଶନାମା ଅନୁଯାୟୀ ଏଭଳି ପଦକ୍ଷେପ ନିଆଯାଉଛି। ଅନ୍ୟପକ୍ଷରେ ଘରୋଇ ହସ୍ପିଟାଲ୍ ଯୁଦ୍ଧକାଳୀନ ଭିତ୍ତିରେ ଟେଷ୍ଟିଂ କରି

### ଲାଭବାନ୍ ହେଉଛନ୍ତି ଘରୋଇ ହସ୍ପିଟାଲ

ରିପୋର୍ଟ ଦେବାରେ ବ୍ୟସ୍ତ ରହିଛନ୍ତି। ପ୍ରତ୍ୟହ ଶତାଧିକ ଲୋକେ ଘରୋଇ ହସ୍ପିଟାଲ୍‌ରେ ୮ଶହରୁ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଦେଇ ଟେଷ୍ଟିଂ କରାଉଛନ୍ତି। ଅପରାହ୍ନ ୨ଟା ସୁଦ୍ଧା ନମୁନା ଦେଇଥିବା ବ୍ୟକ୍ତିଙ୍କୁ ପରଦିନ ପୂର୍ବାହ୍ନରେ ରିପୋର୍ଟ ମିଳିଯାଉଛି। ସେମାନେ ଚାହିଁଲେ ଦିନଟିଏ ପୁରୀରେ ରହି ପରଦିନ ମହାପ୍ରଭୁଙ୍କ ଦର୍ଶନ କରିପାରୁଛନ୍ତି। ତେବେ ଘରୋଇ ହସ୍ପିଟାଲ୍‌ଗୁଡ଼ିକରେ ବହୁ ମାତ୍ରାରେ ଟେଷ୍ଟିଂ ସୁବିଧା ନ ଥିବାରୁ ଭୁବନେଶ୍ୱରର କିଛି ବେସରକାରୀ କ୍ଲିନିକ୍‌କୁ ନମୁନା ପଠାଯାଉଛି ବୋଲି ଏକ ଘରୋଇ ହସ୍ପିଟାଲ୍‌ର ଜଣେ ଅଧିକାରୀ କହିଛନ୍ତି। ଘରୋଇ ହସ୍ପିଟାଲ୍‌ଗୁଡ଼ିକର ଏଭଳି ଶୋଷଣ ମନୋଭାବ ଯୋଗୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଚାହିଁଲେ ପୁରୀରେ ଅଧିକ ଟେଷ୍ଟିଂ ସୁବିଧା ଉପଲବ୍ଧ କରାଇପାରନ୍ତେ। ଟ୍ରେନ୍ ଓ ବିମାନ ମାଧ୍ୟମରେ ପୁରୀକୁ ଆସୁଥିବା ଲୋକଙ୍କ ଆର୍‌ଟି-ପିସିଆର୍ ଟେଷ୍ଟିଂ କରାଇବା ଦାୟିତ୍ୱ ସରକାରଙ୍କର ହେବା ଉଚିତ୍ ବୋଲି ପର୍ଯ୍ୟଟକ ରାଜେଶ ବାରିକ୍ କହିଛନ୍ତି।

## ସଂକ୍ଷେପରେ

### କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ

ପୁରୀ ଅଫିସ, ୩।୯: ମୁକ୍ତିମଣ୍ଡପ ପଣ୍ଡିତ ସଭାର କାର୍ଯ୍ୟକାରୀ ସଭାପତିଙ୍କ ବିରୋଧରେ ସଦସ୍ୟ ସୂର୍ଯ୍ୟ ନାରାୟଣ ରଥ ଶୁକ୍ରବାର ଏସ୍‌ପିଙ୍କ ନିକଟରେ ଫେରାଦ ହୋଇଛନ୍ତି। ରଥ ଅଭିଯୋଗ କରିଛନ୍ତି ଯେ, ସ୍ଥାୟୀ ସଭାପତି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ବିନାନୁମତିରେ ଓ କରୋନା କଟକଣାକୁ ବେଖାତିର କରି କାର୍ଯ୍ୟକାରୀ ସଭାପତି ଗତ ବର୍ଷ ଷୋଳଶାସନ ଭୋଗର ଆୟୋଜନ କରିଥିଲେ। ଶାସନଗୁଡ଼ିକୁ ଅବଢ଼ା ପଠାଇ ଲୋକଙ୍କୁ ସମବେତ କରାଇବା, ଅନୁଷ୍ଠାନର ଚିଠି ମାଧ୍ୟମରେ ଲୋକଙ୍କଠାରୁ ଦାନ ଅର୍ଥ ସଂଗ୍ରହ କରି ନିଜ କ୍ଷମତାର ଅପବ୍ୟବହାର କରିଛନ୍ତି। ଏନେଇ ୩୧.୧.୨୧ରେ ସିଂହଦ୍ୱାର ଥାନାରେ ଏତଲା ଦିଆଯିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତୁରନ୍ତ ପଦକ୍ଷେପ ନିଆଯିବାକୁ ରଥ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ କାର୍ଯ୍ୟକାରୀ ସଭାପତିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ଅଲଟ୍ରାସାଉଣ୍ଡ ମେଶିନ ଲୋକାର୍ପିତ

ନିମାପଡ଼ା,୩।୯(ଡି.ଏନ୍.ଏ.)- ନିମାପଡ଼ା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୭୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପୁରୀ ବ୍ଲଡ ବ୍ୟାଙ୍କର ଡାକ୍ତର ଓ କର୍ମଚାରୀମାନେ ଏହି କାର୍ଯ୍ୟ ସମ୍ପାଦନ କରିଥିଲେ। ପରେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦ଲକ୍ଷ ଟଙ୍କାରେ ଏକ ଅଲଟ୍ରାସାଉଣ୍ଡ ମେଶିନ ଉଦ୍‌ଘାଟନ ହୋଇ ଲୋକାର୍ପିତ ହୋଇଛି। ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିଥି ଭାବେ ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ, ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ସନାତନ ପ୍ରଧାନ, ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. କ୍ଷମାନିଧି ସେଠୀ, ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ ସାମନ୍ତରାୟ, ଫାର୍ମାସିଷ୍ଟ ଆଇ. ତ୍ରିନାଥ ପାତ୍ର ଉପସ୍ଥିତ ଥିଲେ।

### ଅଧ୍ୟାପକଙ୍କୁ ଅବସର ସମ୍ବର୍ଦ୍ଧନା

ଡେଲାଙ୍ଗ,୩।୯(ଡି.ଏନ୍.ଏ.)- ଡେଲାଙ୍ଗ +୨ କଲେଜର ସଂସ୍କୃତ ଅଧ୍ୟାପକ ସରୋଜ କୁମାର ପଣ୍ଡାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଡ. ସରୋଜ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ଭାସ୍କର ସାମନ୍ତରାୟ, ଅଭୟ ରାଉତ, ଅଶୋକ ମହାନ୍ତି, ଅଧ୍ୟାପିକା ଡ.ସ୍ନେହାଞ୍ଜଳି ମହାନ୍ତି, ଅଧ୍ୟାପକ ଘନଶ୍ୟାମ ସ୍ୱାଇଁ, ଅତୁଲ ଦାଶ, ଜିତେନ୍ଦ୍ର ମଲ୍ଲିକ, ତନ୍ମୟୀ ମହାପାତ୍ର, କିରାଣି ଗଙ୍ଗାଧର ଜେନା ପ୍ରମୁଖ ଅଧ୍ୟାପକ ପଣ୍ଡାଙ୍କ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ସାକ୍ଷୀଗୋପାଳଙ୍କ କାଳୀୟଦଳନ ବେଶ

**ସାକ୍ଷୀଗୋପାଳ,୩।୯(ଡି.ଏନ୍.ଏ.)**

ଭାଦ୍ରବ କୃଷ୍ଣ ଏକାଦଶୀ ତିଥି ଶୁକ୍ରବାର ରାତିରେ ସାକ୍ଷୀଗୋପାଳ ଠାକୁରଙ୍କୁ କାଳୀୟଦଳନ ବେଶରେ ସଜ୍ଜିତ କରାଯାଇଛି। ଠାକୁରଙ୍କ ଚନ୍ଦାଚରଣକୁ ଆଚ୍ଛାଦିତ କରାଯାଇ ସୋଲରେ ନିର୍ମିତ ଗୋଡ, ହାତ ଲଗାଯାଇଥିଲା। ଦର୍ଜି ଓ ମଣ୍ଡଣି ସୁଆଁସିଆ ସେବକ ପ୍ରସ୍ତୁତ କରିଥିବା କାଳୀୟ ନାଗ ଠାକୁରଙ୍କ ଚତୁଃପାର୍ଶ୍ୱରେ ଲଗାଯାଇଥିବା ବେଳେ ସପ୍ତଫେଣୀ ନାଗ ଫଣାରେ ଠାକୁର ଦଣ୍ଡାୟମାନ ହୋଇ ଗୋଟିଏ ହାତରେ ସର୍ପର ଲାଞ୍ଜ ଧରି ବିଷଧରକୁ ନିୟନ୍ତ୍ରଣ କରୁଥିବା ଦୃଶ୍ୟ ଦେଖି ଭକ୍ତମାନେ ବିସ୍ମିତ ହୋଇଥିଲେ। ଦୈନନ୍ଦିନ ଦେବନୀତି ସହିତ ଗୋଧନ ବାହୁଡ଼ା ଭୋଗପରେ ସାକ୍ଷୀଗୋପାଳଙ୍କ ବିଜେ ପ୍ରତିମା ମଦନମୋହନ ଓ ଲବଣୀ ଚୋରା ଠାକୁର ବିମାନରେ ରଙ୍ଗଣୀସାହିସ୍ଥିତ ଲବଣୀଖିଆ ମଣ୍ଡପକୁ ବିଜେ କରିଥିଲେ। ମହାଭୋଇ କୁଳର କୁଳବଧୂମାନେ ଠାକୁରଙ୍କ ବନ୍ଦାପନା କରି ଶ୍ରଦ୍ଧାରେ ସର ଲବଣୀ ଆଦି ଭୋଗ ଦେଇ ବନ୍ଦାପନା କରିଥିଲେ। ପରେ ଠାକୁର ରାଧାକୁଣ୍ଡକୁ ବିଜେ କରି ସେଠାରେ ପନ୍ତିଭୋଗ ଆଳତି ଉପଚାର ଅନୁଷ୍ଠିତ ହୋଇ କାଳୀୟ ଦଳନ ଲୀଳା ହୋଇଥିଲା। ଲୀଳାରେ ଜଣେ ସେବାୟତ ଶ୍ରୀକୃଷ୍ଣ ବେଶରେ, ମଣ୍ଡଣୀ ସୁଆଁସିଆ ସେବକ କାଳୀୟ ନାଗ ବେଶରେ ଓ ଅନ୍ୟ ଜଣେ ବିଶୋଇ ସେବକ ଗରୁଡ ବେଶ ଧାରଣ କରିଥିଲେ।

ଏହି ପର୍ବରେ ଗରୁଡ଼ ସେବା ଏକ ନିଆରା ସେବା। ଏହି ସେବା ବର୍ଷକୁ ଗୋଟିଏ ଦିନ ହୁଏ। କଂସ ମହାରାଜାଙ୍କ ଆଦେଶରେ କାଳନ୍ଦୀ ହ୍ରଦକୁ ଲକ୍ଷେପଦ୍ମ ତୋଳିବାକୁ ଯାଇଥିବା ଶ୍ରୀକୃଷ୍ଣ କାଳୀୟ ନାଗ ଦଂଶନରେ ମୂର୍ଚ୍ଛିତ ହୋଇଥିଲେ। କୃଷ୍ଣଙ୍କ ବିଷ ହରଣ କରିବାକୁ ଗରୁଡଙ୍କୁ ସେବା କରାଯାଇଥିଲା। କୃତ୍ରିମ କାଳୀୟ ହ୍ରଦ ରାଧାକୁଣ୍ଡରେ ଏହି ଲୀଳା କରାଯାଇଥିଲା। ଘଣ୍ଟ ବଜାଇ ମଶାଲ ଜଳାଇ ଅଣ୍ଟାରେ ଘଣ୍ଟି ଘାଘୁଡି ମାଳ, ମୁଣ୍ଡରେ ମୁକୁଟ, ଲମ୍ବାନାକ, ଭୁଜରେ ଡେଣାବାନ୍ଧି ସେଠାରେ ଗରୁଡ଼ ପହଞ୍ଚି ଶ୍ରୀକୃଷ୍ଣଙ୍କୁ ଡେଣାରେ ଝାଡିବା ଅମୃତ କୋରା ଭୁଞ୍ଜାଇ ବିଷଜ୍ୱାଳା ହରଣ କରିଥିଲେ। ସ୍ଥାନୀୟ ଗୋପାଳପୁର



ପାଟଣା ଗ୍ରାମର ଠାକୁରଙ୍କ ବିଶୋଇ ସେବକ ନାରାୟଣ ସାହୁ ବଂଶାନୁକ୍ରମେ ଏହି ସେବା କରୁଥିବା କହିଛନ୍ତି। ଅମୃତକେରା ପ୍ରସାଦ ସେବନ କଲେ ଅମରବର ପ୍ରାପ୍ତି ବିଶ୍ୱାସରେ ଠାକୁରଙ୍କୁ ସମର୍ପିତ ଅମୃତକେରା ପାଇଁ ଗରୁଡଙ୍କ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା।



କାଳୀୟ ଦଳନ ନୀତି ଅବସରରେ ଶ୍ରୀମନ୍ଦିର ଲବଣିଖିଆ ମଣ୍ଡପରେ ଶ୍ରୀ ମଦନମୋହନ, ରାମ ଓ କୃଷ୍ଣଙ୍କୁ ପୂଜାର୍ଚ୍ଚନା କରାଯାଉଛି ।

# ଦିବ୍ୟାଙ୍ଗ ଛାତ୍ରଙ୍କ ସ୍କୁଟି ନେଇ କଣ୍ଡକ୍ଟର ଫେରାର

**ପିପିଲି,୩।୯(ଡି.ଏନ୍.ଏ.)**

ପିପିଲି ଥାନା ଅନ୍ତର୍ଗତ ତେଇଶିପୁର ପଞ୍ଚାୟତ ପୋଡ଼ଙ୍ଗ ଗ୍ରାମର ଦିବ୍ୟାଙ୍ଗ ଛାତ୍ର ରାଜେଶ ସେନାପତିଙ୍କ ଏକ ସ୍କୁଟି ଜଣେ କଣ୍ଡକ୍ଟର ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସେ ସମ୍ବଲପୁରର ବୁର୍ଲା ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନ ଥିବା ରାଜେଶ କହିଛନ୍ତି। ସୂଚନାଯୋଗ୍ୟ, ରାଜେଶ ସମ୍ବଲପୁର କୃଷି ବିଶ୍ୱବିଦ୍ୟାଳୟ ଚିପିଲିମାର କୃଷି ବିଭାଗର ୨ୟ ବର୍ଷ ଛାତ୍ର। କରୋନା ପାଇଁ ଲକଡାଉନ ହେବାରୁ ଗାଁକୁ ଚାଲିଆସିଥିଲେ। ରାଜେଶ ଚଳପ୍ରଚଳ ପାଇଁ ସ୍କୁଟିର ଆବଶ୍ୟକତା ରହିଥାଏ। ସେହି ସ୍କୁଟିଟି ଚିପିଲିମାରେ ରଖି ଆସିଥିଲେ। ସ୍କୁଟିକୁ ସେଠାରୁ ଆଣିବା ପାଇଁ ବୁର୍ଲାର ନାଗରାଜ ବସ୍ ନଂ. (ଓଡି ୧୫କେ୦୩୫୫)ରେ ସାଙ୍ଗଙ୍କ ସହାୟତାରେ ବୁକିଂ କରିଥିଲେ। ହେଲେ ପୁଣି ଲକଡାଉନ ହେବାରୁ ସମ୍ବଲପୁରରୁ ଭୁବନେଶ୍ୱର ବସ ଚଳାଚଳ ବନ୍ଦ ରହିଥିଲା। ବସ୍ କଣ୍ଡକ୍ଟରଙ୍କ ଘର କଟକ ହୋଇଥିବାରୁ ସେ ସ୍କୁଟିକୁ ଆଣି ଭୁବନେଶ୍ୱରରେ ପହଞ୍ଚାଇ ଦେବା ପାଇଁ ରାଜେଶଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କଣ୍ଡକ୍ଟରଙ୍କ ଫୋନ ନମ୍ବରରେ ଯୋଗାଯୋଗ କରି ଏପ୍ରିଲ ୩୦ ଭୁବନେଶ୍ୱରରୁ ପହଞ୍ଚାଇ ଦେବା କହି ସେହିଦିନଠାରୁ ଫୋନ ନମ୍ବର ସୁଇଚ ଅଫ କରି ଫେରାର ହୋଇଯାଇଛି। ଏ ନେଇ ରାଜେଶ ପ୍ରଥମେ ମେ ୩୦ରେ ପିପିଲି ଥାନାକୁ ଜଣାଇଥିଲେ। ଘଟଣାଟି ଅନ୍ୟ ଥାନା ଅଞ୍ଚଳର କହି ବୁର୍ଲା ଥାନାରେ ଅଭିଯୋଗ କରିବାକୁ କହିଥିଲେ। କଟକଣା ଥିବାରୁ ରାଜେଶ ଅନ୍‌ଲାଇନ ମାଧ୍ୟମରେ ଜୁନ ୨୫ରେ ଘଟଣା ସମ୍ପର୍କରେ ବୁର୍ଲା ଥାନାକୁ ଏକ ରିପୋର୍ଟ ପ୍ରଦାନ କରିଥିଲେ। ପରେ କଟକଣା କୋହଳ ହେବା ପରେ ବୁର୍ଲା ଥାନାର ଦ୍ୱାରସ୍ଥ ହୋଇଥିଲେ। ନିଜର ଏକମାତ୍ର ସାହାରା ସ୍କୁଟି ଗାଡିକୁ ଫେରିପାଇବା ଦିଗରେ ସହଯୋଗ କରିବା ପାଇଁ ପୋଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ସେ ଗୁହାରି କରିଛନ୍ତି।

# ସୁଆଣ୍ଡୋ ରାସ୍ତାର ନାମ ଗୋପବନ୍ଧୁ ମାର୍ଗ ହେଉ

**ପୁରୀ ଅଫିସ,୩।୯: ପୁରୀ**

ଭୁବନେଶ୍ୱର ଜାତୀୟ ରାଜପଥର ସତ୍ୟବାଦୀ ପଇନାୟକିଆ ଛକକୁ ଗୋପବନ୍ଧୁ ଦାସ ଛକ ଓ ପଇନାୟକିଆ ଛକରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ସୁଆଣ୍ଡୋକୁ ସଂଯୋଗ କରୁଥିବା ରାସ୍ତାକୁ ଗୋପବନ୍ଧୁ ମାର୍ଗ ରୂପେ ନାମକରଣ ପାଇଁ ଦାବି ହୋଇଛି। ସତ୍ୟବାଦୀର ବୁଦ୍ଧିଜୀବୀ ମଣ୍ଡଳ ଶୁକ୍ରବାର ଜିଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଏହି ଦାବି କରିଛନ୍ତି। ଏ ନେଇ ସନ୍ଦୀପ ମହାପାତ୍ର କହିଛନ୍ତି, ପଇନାୟକିଆ ଛକ ଏବେ ବି ଅନାମଧେୟ ହୋଇ ରହିଛି। ଜିଲାବାସୀ ଏଭଳି ଛକକୁ ଜାଣିପାରୁନାହାନ୍ତି। ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମପୀଠକୁ ସଂଯୋଗ କରୁଥିବା ଛକକୁ ରାଜ୍ୟବାସୀ ଜାଣିବାର ଆବଶ୍ୟକତା ରହିଛି। ସୁଆଣ୍ଡୋକୁ ଥିବା ରାସ୍ତା ପୁନଃ ନାମକରଣ ହୋଇପାରିଲେ ଲୋକେ ଉତ୍କଳମଣିଙ୍କ ଜନ୍ମପୀଠକୁ ସହଜରେ ଯାଇପାରନ୍ତେ ଏବଂ ସଂପୃକ୍ତ ଛକ ଓ ରାସ୍ତାକୁ ପରିଚୟ ମିଳନ୍ତା। ଅନ୍ୟପକ୍ଷରେ ଜିଲାପାଳ ସମର୍ଥ ବର୍ମା ଏ ନେଇ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିବା ପରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଶିକ୍ଷକ ବିଳମ୍ବରେ ଆସିବାରୁ ସ୍କୁଲରେ ତାଲା

**ଗୋପ,୩।୯(ଡି.ଏନ୍.ଏ.)**

### ଦୀର୍ଘ ସମୟ ଅପେକ୍ଷା କଲେ ଛାତ୍ରୀଛାତ୍ର

କରୋନା ସଂକ୍ରମିତ କମିବା ପରେ ଦୀର୍ଘଦିନ ବ୍ୟବଧାନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶରେ ବିଭିନ୍ନ ସ୍କୁଲ ଖୋଲିଥିବା ବେଳେ ସମୟସୀମାରେ ପରିବର୍ତ୍ତନ ହୋଇଛି। ବିଭାଗ ନିର୍ଦ୍ଦେଶ ମୁତାବକ ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶିକ୍ଷାଦାନ କରାଯିବା ସହିତ ସ୍କୁଲଗୁଡିକରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିବେ ବୋଲି ମଧ୍ୟ ନିର୍ଦ୍ଦେଶ ରହିଛି। ମାତ୍ର ଗୋପ ବ୍ଲକ ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତର ନୀଳକଣ୍ଠେଶ୍ୱର ନୋଡାଲ ସ୍କୁଲରେ ତା'ର ବ୍ୟତିକ୍ରମ ଦେଖାଦେଇଛି। ଏହି ସ୍କୁଲକୁ ଶୁକ୍ରବାର ପୂର୍ବାହ୍ନ ୧୦ଟା ୧୫ ପର୍ଯ୍ୟନ୍ତ କୌଣସି ଶିକ୍ଷୟିତ୍ରୀ ଶିକ୍ଷକ ଆସି ନ ଥିଲେ। ଏପରିକି ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ। ଫଳରେ ସ୍କୁଲର ଏପରି ଅବ୍ୟବସ୍ଥାକୁ ନେଇ ଦିହୁଡା ଗ୍ରାମର ନିରୁପମା ସ୍ୱାଇଁଙ୍କ ସମେତ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ସ୍କୁଲର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ତାଲା ପଡ଼ିବାର ପ୍ରାୟ ୧ ଘଣ୍ଟା ୧୫ ମିନିଟ ପରେ ଅଳ୍ପ କେତେଜଣ ଶିକ୍ଷୟିତ୍ରୀ ଶିକ୍ଷକ ଆସିଥିଲେ ମଧ୍ୟ ଭିତରକୁ ଛାଡ଼ି ନ ଥିଲେ। ଏ ସମ୍ପର୍କରେ ଖବରପାଇ ବିଡିଓ ଦୀପ୍ତିରାଣୀ ଦାସ ଓ ଅତିରିକ୍ତ ଶିକ୍ଷା ଅଧିକାରୀ ବ୍ରଜବନ୍ଧୁ ବେହେରା ସ୍କୁଲରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ଲୋକେ ତାଲା ଫିଟାଇଥିଲେ। ପରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଭିତରକୁ ପ୍ରବେଶ କରିଥିଲେ। ପ୍ରାୟ ସମୟରେ ସ୍କୁଲରେ ଏପରି ଅବସ୍ଥା ସୃଷ୍ଟି ହେଉଥିବା ବେଳେ ଛାତ୍ରୀଛାତ୍ରମାନଙ୍କ ପାଠପଢ଼ାବେର ବ୍ୟାହତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ସ୍କୁଲକୁ ଆସୁଥିବା ସରକାରୀ ଅନୁଦାନରେ ଅନିୟମିତତା ଓ ଠିକ ଭାବରେ ଶିକ୍ଷାଦାନ ନ ହେବା, ଶିକ୍ଷକ ଶିକ୍ଷୟିତ୍ରୀ ପଦ ଖାଲି ପଡିବା ନେଇ ଅଧିକାଂଶ ଅଭିଯୋଗ କରିଥିଲେ। ଏପରି ଅଭିଯୋଗକୁ ନେଇ ୨ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ବିଡିଓ ଦାସ କହିଛନ୍ତି, ଅଭିଯୋଗ ପାଇ ସ୍କୁଲକୁ ଯିବାପରେ ସମସ୍ତ ଘଟଣା ସମ୍ପର୍କରେ ଅବଗତ ହୋଇଥିଲୁ। ପରବର୍ତ୍ତୀ ସମୟରେ ଏପରି ହେବ ନାହିଁ ବୋଲି କହିବା ସହ ବିଳମ୍ବରେ ଆସିଥିବା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଛି ବୋଲି କହିଛନ୍ତି।

# ରଘୁନନ୍ଦନ, ଆଚାର୍ଯ୍ୟ ହରିହର ପାଠାଗାର ନବୀକରଣ ଦାବି

**ପୁରୀ ଅଫିସ, ୩।୯**

### ବିରଳ ପୋଥି, ଦୁର୍ମୂଲ୍ୟ ପୁସ୍ତକ ନଷ୍ଟ ହେବାକୁ ବସିଛି

ଭାରତର ସାଂସ୍କୃତିକ ସହର ପୁରୀରେ ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଓଡ଼ିଆ ଭାଷା ଓ ସାହିତ୍ୟ ଅଧ୍ୟୟନ ପାଇଁ ଏକାଧିକ ପାଠାଗାର ସ୍ଥାପନ କରାଯାଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷଣା ଏବଂ ଅଧ୍ୟୟନ ସହିତ ଓଡ଼ିଆ ସାହିତ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରାଚୀନ ପୋଥି, ନଥି ଓ ପୁସ୍ତକ ଉପଲବ୍ଧ ହେଉଥିଲା। ଏହିପରି ୨ଟି ପାଠାଗାର ହେଉଛି ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଥିବା ଏମାରମଠ ପରିସରର ରଘୁନନ୍ଦନ ପାଠାଗାର ଏବଂ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚ ନିକଟସ୍ଥ ଆଚାର୍ଯ୍ୟ ହରିହର ପାଠାଗାର। ଏହି ପାଠାଗାର ଅନେକଙ୍କ ଭାଗ୍ୟ ଗଢ଼ିଛି। ହେଲେ ଏବେ ଏହି ପାଠାଗାର। ଭାଗ୍ୟ ଆଶା ଓ ଆଶଙ୍କାରେ ରହିଛି। ନା ଏଥିପାଇଁ କୌଣସି ନୂଆକୋଠା ନିର୍ମାଣ ହୋଇଛି ନା ପୁସ୍ତକର ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ଫଳରେ ଏଠାରେ ରଖାଯାଇଥିବା ଶହଶହ ବର୍ଷର ପୁରୁଣା ପାଣ୍ଡୁଲିପି, ମୂଲ୍ୟବାନ ବିରଳ ପୋଥି ଏବଂ ଦୁର୍ମୂଲ୍ୟ ପୁସ୍ତକ ଏବେ ନଷ୍ଟ ହୋଇଯିବାକୁ ବସିଛି। ଏହି ୨ଟି ପାଠାଗାର ଦାୟିତ୍ୱ ଜିଲା ପ୍ରଶାସନ ନେଇଥିବାବେଳେ ଏପର୍ଯ୍ୟନ୍ତ ପୋଥି, ପୁସ୍ତକ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରି ନାହିଁ। ପାଠାଗାରର ବହିଗୁଡ଼ିକୁ ଉଦ୍ଧାରକରି ଏହାକୁ ପାଠ୍ୟ ଉପଯୋଗୀ କରିବା ପାଇଁ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବହି ସବୁ କାହାକୁ ଦିଆଗଲା, କେଉଁଠି ରଖାଗଲା ସେନେଇ ପୁରୀବାସୀଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି। ଏ ଦୁଇ ପାଠାଗାରକୁ ସ୍ଥାୟୀ ଭାବେ ପ୍ରତିଷ୍ଠା ଲାଗି ଜନସାଧାରଣ ଦାବି କରିଛନ୍ତି। ପୁନଃ ନିର୍ମାଣ ନାମରେ ପାଠାଗାରକୁ ଭାଙ୍ଗିଦିଆଗଲା ହେଲେ ଏପର୍ଯ୍ୟନ୍ତ ସେହିବହିବିଷୟରେ ତଥ୍ୟ ମିଳିପାରୁ ନାହିଁ। ପ୍ରଶାସନ ପୁସ୍ତକ ସ୍ଥାନାନ୍ତର କରି ନୀରବ ରହିଛି। ପୁନର୍ବାର ପ୍ରତିବାଦ କରିବା ପାଇଁ ଅଭିନନ୍ଦନିକାର ପ୍ରତିଷ୍ଠାତା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ଦାବି କରିଛନ୍ତି। ପୁରୀବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରୁ ଜିଲା ପ୍ରଶାସନ ଏହି ୨ପାଠାଗାରର ନବୀକରଣ ସହ ସୁରକ୍ଷିତ ଭାବେ ପୁସ୍ତକକୁ ରଖିବା ପାଇଁ ଅଭିନନ୍ଦନିକା ପକ୍ଷରୁ ଦାବି କରାଯାଇଛି।

# ବିଭିନ୍ନ ଦାବି ନେଇ ନବୀନ ନିବାସକୁ ଶୋଭାଯାତ୍ରା

**ପୁରୀ ଅଫିସ, ୩।୯:**

ବିଭିନ୍ନ ଦାବି ନେଇ ଜୟ ଜଗନ୍ନାଥ କୋଭିଡ୍-୧୯ ପାରାମେଡିକାଲ ସଂଘ ପକ୍ଷରୁ ଶୁକ୍ରବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯିବା ସହ ନିବୀନ ନିବାସ ଅଭିମୁଖେ ଶୋଭାଯାତ୍ରା ବାହାରିଛି। ନିଯୁକ୍ତି ସ୍ଥାୟୀ କରାଯିବା, ଖାଲିପଡ଼ିଥିବା ସ୍ଥାନରେ କୋଭିଡ୍ ୧୯ରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ଦେବା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯିବାକୁ ସଂଘ ଦାବି କରିଛି। ସେହିପରି କରୋନା ସମୟରେ ପାରାମେଡିକାଲ କର୍ମଚାରୀମାନେ ନିଜ ଜୀବନକୁ ବିପନ୍ନ କରି କୋଭିଡ ରୋଗୀଙ୍କୁ ସେବା ଯୋଗାଇ ଆସୁଛନ୍ତି। ମାତ୍ର ସରକାର ଏହି କର୍ମଚାରୀଙ୍କ ପ୍ରତି ଉଦାସୀନ ମନୋଭାବ ପୋଷଣ କରୁଥିବା ସଂଘର କର୍ମକର୍ତ୍ତା କହିଛନ୍ତି। ତୁରନ୍ତ ଦାବି ପୂରଣ ସହ ସରକାରୀ ସୁବିଧା ସୁଯୋଗ ଯୋଗାଇବାକୁ ଦାବି କରାଯାଇଛି। ସଭାପତି ଅଧିର କୁମାର ଜେନା, ସଙ୍ଗଠନ ସମ୍ପାଦକ ଶୁଭ୍ରାଂଶୁ ଶେଖର ସାମଲ, ସଦସ୍ୟା କ୍ଷମାମୟୀ ରଥ, ରାଜଲକ୍ଷ୍ମୀ ମହାନ୍ତି, ସସ୍ମିତା ସାହୁ ଓ ରୋଜାଲିନ ରାୟଗୁରୁ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ।





ଜୟ ଜଗନ୍ନାଥ କୋଭିଡ୍-୧୯ ପାରାମେଡିକାଲ ସଂଘ ପକ୍ଷରୁ ନବୀନ ନିବାସ ଅଭିମୁଖେ ପୁରୀରୁ ବାହାରିଥିବା ଶୋଭାଯାତ୍ରା ।

# ଯାତ୍ରୀନିବାସ ଘରୋଇକରଣ ପ୍ରତିବାଦରେ ଆନ୍ଦୋଳନ

**କୋଣାର୍କ,୩।୯(ଡି.ଏନ୍.ଏ.)**

କୋଣାର୍କସ୍ଥିତ ଯାତ୍ରୀନିବାସ ଘରୋଇକରଣ ଓ ଟେଣ୍ଡର ପ୍ରକ୍ରିୟା ବାତିଲ ଦାବିରେ କୋଣାର୍କ ନାଗରିକ ସମୂହ ପକ୍ଷରୁ ଯାତ୍ରୀନିବାସ ମୁଖ୍ୟ ଫାଟକ ସମ୍ମୁଖରେ ଶୁକ୍ରବାର ଧାରଣା ଦିଆଯାଇଥିଲା। ଖବର ଅନୁଯାୟୀ, ୧୯୮୭ ଅକ୍ଟୋବର ୧୦ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଉଦ୍ୟମରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ କୋଣାର୍କ ଯାତ୍ରୀନିବାସ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ରାଜସ୍ୱ ବିଭାଗ ଏହି ଯାତ୍ରୀନିବାସ ନିର୍ମାଣ ପାଇଁ ପ୍ରଦତ୍ତ ସରକାରୀ ଜମି ହସ୍ତାନ୍ତର କରିବା ସମୟରେ ଏହାକୁ ଘରୋଇକରଣ ନ କରିବା ପାଇଁ ଲିଖିତ ଚୁକ୍ତିନାମା କରିଥିଲେ। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦୦୫ରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ଉନ୍ନୟନ ନିଗମକୁ ହସ୍ତାନ୍ତର



କୋଣାର୍କ ନାଗରିକ ସମୂହ ପକ୍ଷରୁ କୋଣାର୍କ ପର୍ଯ୍ୟଟନ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି ।

କରାଯାଇଛି। କିନ୍ତୁ ଉକ୍ତ ଚୁକ୍ତିନାମାକୁ ଖୋଲା ଉଲ୍ଲଂଘନ କରିଛି ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ଉନ୍ନୟନ ନିଗମ। ଉନ୍ନୟନ ନିଗମ ଷଡ଼ଯନ୍ତ୍ର କରି ଘରୋଇକରଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆହ୍ୱାନ କରିବା ଘଟଣାକୁ ବିରୋଧ କରିଛି କୋଣାର୍କ ନାଗରିକ ସମୂହ। ଏ ନେଇ କୋଣାର୍କ ନାଗରିକ ସମୂହ ସଂଗଠନର ଆବାହକ ତଥା ମାନବାଧିକାର କର୍ମୀ ଏନ୍.ଏ. ଶାହା ଅନ୍‌ସାରୀଙ୍କ ସଭାପତିତ୍ୱରେ ଏହି ଗଣଧାରଣା ଅନୁଷ୍ଠିତ ହୋଇଛି। ଏଥିରେ କଂଗ୍ରେସ ସୋସିଆଲ ମିଡିଆ କମିଟି ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ହରିଶ୍ଚନ୍ଦ୍ର ଦାଶ, ଶ୍ରମିକ ନେତା ମନୋରଞ୍ଜନ ପରିଡ଼ା, କୋଣାର୍କ ସାମ୍ବାଦିକ ସଂଘ ଉପସଭାପତି ଭାଗୀରଥି ସ୍ୱାଇଁ, ଅକ୍ଷୟ ନାୟକ, ବିଶ୍ୱଜିତ ସ୍ୱାଇଁ, ପ୍ରତାପ କାଣ୍ଡି, ରାମକୃଷ୍ଣ ମହାନ୍ତି, ନାରୀ ସଂଗଠିକା ରୋଜାଲିନ ପ୍ରଧାନ, କୋଣାର୍କ ସାମ୍ବାଦିକ ସଂଘ ସମ୍ପାଦକ ମନୋରଞ୍ଜନ ପଣ୍ଡା, ଖବରଦାତା ଅବନୀ ଭୂଷଣ ବାରିକ, ଅଜିତ ମଲ୍ଲିକ, ଜ୍ଞାନରଞ୍ଜନ ବିଶ୍ୱାଳ, ଗଣେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। କୌଣସି ପରିସ୍ଥିତିରେ ଯାତ୍ରୀନିବାସକୁ ଘରୋଇକରଣ କରିବାକୁ ଦିଆଯିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ, ରାଜ୍ୟ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଓ ସଚିବଙ୍କ ଉଦ୍ଦେଶ୍ୟରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀଙ୍କ ମାଧ୍ୟମରେ ଏକ ଦାବିପତ୍ର ଦିଆଯାଇଥିଲା। ଯାତ୍ରୀନିବାସ ଘରୋଇକରଣ ବନ୍ଦ ଓ ଟେଣ୍ଡର ପ୍ରକ୍ରିୟା ବାତିଲ ପାଇଁ ଆସନ୍ତା ୫ଦିନ ମଧ୍ୟରେ ବିଜ୍ଞପ୍ତି ଜାରି ନ କଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ସଂଗଠନର ଆବାହକ ଅନ୍‌ସାରୀ କହିଛନ୍ତି।